ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# ୨୦ ପିଅନ ପଦବୀ ପାଇଁ କେଳେଙ୍କାରୀ

ନୟାଗଡ଼, ୨୯।୬(ସମିସ): ନୟାଗଡ଼ ଜିଲ୍ଲାରେ କୃଷି ଓ କୃଷକର ଉନ୍ନତୀ ପାଇଁ ସମବାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସମବାୟ ସମିତି ଗୁଡ଼ିକୁ ଆର୍ଥିକ କ୍ଷେତ୍ରରେ ସହଯୋଗ କରିବା ପାଇଁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟ କରୁଛି। ଏହି ବ୍ୟାଙ୍କ ଦୀର୍ଘ ବର୍ଷ ଧରି ଅନେକ କେଳେଙ୍କାରୀକୁ ପ୍ରଶୟ ଦେଇ କ୍ଷତିଗ୍ରସ୍ତ ହୋଇଚାଲିଛି। ଜିଲ୍ଲାରେ ଚାଷୀଙ୍କ ଆର୍ଥିକ ଦୂରାବସ୍ଥାକୁ ଦୂର କରିବାରେ ବ୍ୟାଙ୍କ ଏବେ ପରିବ୍ୟାପ୍ତ ହୋଇପାରୁନଥିବା ବେଳେ ପୁଣି ଏକ କେଳେଙ୍କାରୀ କରିବାକୁ ଷଡ଼ଯନ୍ତ୍ର ହୋଇଥିବା ଅଭିଯୋଗ ହୋଇଛି। ନୟାଗଡ଼ ଜିଲ୍ଲାରେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟଶାଖା ସହ ଅନେକ ଶାଖା ରହିଛି। ବ୍ୟାଙ୍କ କାର୍ଯ୍ୟକୁ ସଠିକ ଭାବେ କରିବା ପାଇଁ କର୍ମଚାରୀ ଅଭାବ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଯାହାକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ୨୦ ଜଣ ପିଅନ ନିଯୁକ୍ତି କରିବା ପାଇଁ ନିଷ୍ପତ୍ତି ନେଇଛି। ମହିଳାଙ୍କ ପାଇଁ ୭ଟି ପଦବୀ ରହିଥିବା ବେଳେ ପୁରୁଷଙ୍କ ପାଇଁ ୧୩ ଟି ପଦବୀ ରହିଛି। ଏହି ପିଅନ ପଦବୀରେ ନିଯୁକ୍ତି କେଳେଙ୍କାରୀ କରିବା ପାଇଁ ଆରମ୍ଭରୁ ଉଦ୍ୟମ ଆରମ୍ଭ ହୋଇଥିବା ସ୍ପଷ୍ଟ ହୋଇଛି। ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନକୁ ସାର୍ବଜନୀନ କରିବା ବଦଳରେ ଗୋପନୀୟ

### ଗୁରୁ-ଶିଷ୍ୟ ଯୋଡ଼ିଙ୍କ କାରନାମା

କରିବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିଜ୍ଞାପନକୁ ବିଭିନ୍ନ ନୋଟିସ ବୋର୍ଡ ଏବଂ ବହୁଳ ପ୍ରସାରିତ ଖବରକାଗଜରେ ପ୍ରକାଶିତ କରିବାକୁ ନିୟମ ରହିଛି। ନୋଟିସ ବୋର୍ଡ ବହୁ ଦୂର କଥା ଏହି ବିଜ୍ଞାପନକୁ କମ୍ ପ୍ରସାରଣ ଥିବା ଏକ କାଗଜରେ ପ୍ରକାଶିତ କରାଯାଇଥିବା ଦେଖିବାକୁ ମିଳିଛି। ବିଜ୍ଞାପନ ଛପା ଯିବାଦିନ ନୟାଗଡ଼ ଆସୁଥିବା ହାତଗଣତି ଖବରକାଗଜକୁ ବ୍ୟାଙ୍କ କର୍ମଚାରୀ କିଣି ନେଇ ଲୁଚାଇ ଦେଇଥିବା ଅଭିଯୋଗ ହୋଇଛି। ଏହି ୨୦ ପଦବୀରେ ନିଜ ପସନ୍ଦ ବ୍ୟକ୍ତି ତଥା ବେଆଇନ ଭାବେ କାରବାର କରି କିଛି ବ୍ୟକ୍ତିଙ୍କୁ ନିଯୁକ୍ତି କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କାହିଁକି କମ୍ ପ୍ରସାରଣ ଥିବା ଖବରକାଗଜରେ ବିଜ୍ଞାପନ ଛାପିଲା ବୋଲି ପ୍ରଶ୍ନରେ, ସଭାପତି ରବୀନ୍ଦ୍ର ସାହୁ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନାହାଁନ୍ତି। ଆମେ ସବୁ ଶାଖା ନୋଟିସ ବୋର୍ଡରେ ବିଜ୍ଞାପନ ଲଗାଇଛୁ ବୋଲି କହିଛନ୍ତି। ତାହା ସହିତ ଉକ୍ତ ଖବରକାଗଜ ଜିଲ୍ଲାକୁ ଏତେ କମ ଆସୁଛି ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟବ୍ୟାଙ୍କ ପରିଚାଳନା ପରିଷଦକୁ ଅନ୍ଧାରରେ ରଖି ତଥା ସଭାପତିଙ୍କୁ ଅସ୍ତ୍ର କରି କିଛି ବ୍ୟକ୍ତି ନିଜ ସ୍ୱାର୍ଥ ସାଧନ କରୁଥିବା ଅଭିଯୋଗ ହୋଇଛି। ଗୁରୁ ଶିଷ୍ୟ ଯୋଡ଼ି କାରନାମରେ ବ୍ୟାଙ୍କ ଦେବାଳିଆ ହେବ ବୋଲି ଆଲୋଚନା ଜୋର୍ ଧରିଛି।

ଫିକା ପଡ଼ିବ ବନମହୋତ୍ସବ, କାଗଜପତ୍ରରେ ପରିବେଶ ସୁରକ୍ଷା

# ଅନୁଦାନ ଅଭାବରୁ ମିଳିବନି ଟଙ୍କିକିଆ ଚାରା



ଭାପୁର, ୨୯।୬(ସମିସ): ପରିବେଶ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କାର ଅନୁଦାନ ପ୍ରଦାନ କରୁଛନ୍ତି। ହେଲେ ବାସ୍ତବ ଚିତ୍ର କିନ୍ତୁ ଓଲଟା। ସରକାରଙ୍କ ଆର୍ଥିକ ଅନୁଦାନ ଅଭାବରୁ ଏ ବର୍ଷ ଟଙ୍କିକିଆ ଚାରା ମିଳିବ ନାହିଁ। ବୃକ୍ଷ ହିଁ ଜୀବନ ବୋଲି ସମସ୍ତେ ଚିତ୍କାର କରୁଥିବା ବେଳେ ବାସ୍ତବରେ ଏହା ଓଲଟା କାର୍ଯ୍ୟ ହେଉଛି। ଏ ବର୍ଷ ଅନୁଦାନ ଅଭାବରୁ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ଆଉ ମିଳିବନି ଟଙ୍କିକିଆ ଚାରା। କିପରି ଜନସାଧାରଣ ସେମାନଙ୍କ ପତିତ ଜମିକୁ ସବୁଜିମାରେ ପରିଣତ କରିବେ ତାହା ହୋଇଛି ପ୍ରଶ୍ନବାଚୀ। ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଏକାନ୍ତ ଅପରିହାର୍ଯ୍ୟ। ପର୍ଯ୍ୟାପ୍ତ ବୃକ୍ଷ ରୋପଣ କରାଗଲେ ପରିବେଶ ସନ୍ତୁଳନ ରକ୍ଷା କରାଯାଇ ପାରିବ ବୋଲି ପରିବେଶବିତମାନେ କହୁଛନ୍ତି।ସବୁବର୍ଷ ସରକାରୀ ବେସରକାରୀସ୍ତରରେ ରାଜ୍ୟରେ କୋଟି କୋଟି ବୃକ୍ଷରୋପଣ ହେଉଛି। ଏଥିପାଇଁ ସରକାର ବନମହୋତ୍ସବ ପାଳନ କରି ଜନସାଧାରଣଙ୍କୁ ଉତ୍ସାହିତ କରିଥାନ୍ତି। ଏହିକ୍ରମରେ ରାଜ୍ୟ ସରକାର ଜନସାଧାରଣଙ୍କୁ ଉତ୍ସାହିତ ଓ ପ୍ରୋତ୍ସାହିତ କରିବା ଲକ୍ଷରେ ପ୍ରତି ବ୍ଲକରେ ଚାରା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରି ଏଠାରୁ ଲକ୍ଷ ଲକ୍ଷ ଚାରା ଜନସାଧାରଣଙ୍କୁ ଏକ ଟଙ୍କାରେ ବଣ୍ଟନ କରୁଥିଲେ।ଏବର୍ଷ ଭାପୁର ବ୍ଲକରେ ଆଉ ମିଳିବନି ଟଙ୍କିକିଆ ଚାରା। ଗତବର୍ଷ ଭାପୁର ନିକଟ ଦୁର୍ଗାପୁର ଗ୍ରାମଠାରେ ଥିବା ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ରରୁ ୫୦ ହଜାର ଓ ବାଇଗୁଣିଆ କେନ୍ଦ୍ରରୁ ୩୦ ହଜାର ଚାରା ବଣ୍ଟନ କରାଯାଇଥିଲା। ବିଭାଗୀୟ ଅନୁଦାନ ଅଭାବରୁ ବ୍ଲକର କୌଣସି କେନ୍ଦ୍ରରେ ଏ ବର୍ଷ ଚାରା ପଡ଼ିନାହିଁ କି ଜନସାଧାରଣଙ୍କୁ ଟଙ୍କିକିଆ ଚାରା ମିଳିବ ନାହିଁ। ବ୍ଲକର ଯେଉଁ ବ୍ୟକ୍ତି ସେମାନଙ୍କ ପତିତ ଜମିରେ ବୃକ୍ଷ ରୋପଣ କରିବେ ସେମାନେ ନିକଟସ୍ଥ ବ୍ଲକରେ ଘରୋଇ ନର୍ସରୀରୁ ଉଚ୍ଚା ଦର ଚାରା କିଣିବାକୁ ବାଧ ହେବେ। ରାଜ୍ୟ ସରକାର ଓ ବନ ବିଭାଗ ବୃକ୍ଷ ରୋପଣ ପାଇଁ ଜନସାଧାରଣଙ୍କୁ ଯେଉଁ ଭଳି ଉତ୍ସାହିତ କରୁଛନ୍ତି ତାହା କେବଳ ଲୋକ ଦେଖାଣିଆ ବୋଲି ଜଣାପଡ଼ିଛି। ବନ ମହୋତ୍ସବ ସପ୍ତାହ ଆସିଲେ ନେତା ମନ୍ତ୍ରୀ ଓ ସରକାରୀ ବଡବାବୁମାନେ କ୍ୟାମେରା ସାମ୍ନାରେ ବିଭିନ୍ନ ପୋଜରେ କେତେ ଫଟୋ ଯେ ଉଠାଇବେ ଓ ଆଡଭର୍ଟାଇଜ କରି ଲୋକଙ୍କୁ ଭକୁଆ କରିବେ ତାହା ସବୁବର୍ଷ ଦେଖିବାକୁ ମିଳୁଥିଲା। ଏବର୍ଷ ତାହା ଦେଖିବାକୁ ମିଳିବ ନାହିଁ ବୋଲି ଜଣାପଡ଼ିଛି। ପରିବେଶବିତ୍‌ମାନଙ୍କ ଗୋ ଗ୍ରୀନ ଓଡ଼ିଶା ସ୍ଲୋଗାନ କୁଆଡେ ଗଲା। ଏନେଇ ପରିବେଶବିମାନେ ତୁଣ୍ଡ ଖୋଲିବା ସମୟ ଆସିଛି। ଏନେଇ ଭାପୁର ବନ ବିଭାଗ କର୍ମଚାରୀଙ୍କୁ ପଚାରିବାରେ ସେ କହିଥିଲେ ଯେ ଆମ ବ୍ଲକକୁ ଏବର୍ଷ ଆର୍ଥିକ ଅନୁଦାନ ମିଳିନାହିଁ। ଗତ ବର୍ଷର ଯେଉଁ କେତେକ ଚାରା ଆମ ପାଖରେ ରହିଛି ତାହା ସରକାରୀସ୍ତରରେ ବୃକ୍ଷରୋପଣ ହେବ ବୋଲି ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ମହିଳା ମୃତ

ରଣପୁର, ୨୯।୬(ସମିସ): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ନରସିଂହପୁର ଗ୍ରାମରେ ବିଶଧର ସାପ କାମୁଡାରେ ୬୨ ବର୍ଷୀୟ ମହିଳା ମୃତ୍ୟୁ ଘଟିଛି। ମହିଳାଙ୍କ ନାମ ରମା ସାମନ୍ତ। ରମା ତାଙ୍କ ଘରେ ଶୋଇଥିବା ସମୟରେ ବିଳମ୍ବିତ ରାତ୍ରିରେ ଏକ ନାଗ ସାପ ତାଙ୍କ ବାମପଟ ଗୋଡ଼କୁ କାମୁଡିଥିଲା। ରମା ତୁରନ୍ତ ତାଙ୍କ ସ୍ୱାମୀ ସୁର ସମାନ୍ତଙ୍କୁ ଜଣାଇଥିଲେ। ରମାଙ୍କୁ ପରିବାର ଲୋକେ ଅଟୋ ଯୋଗେ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି। ଗ୍ରାମର କିଛି ଲୋକ ସାପ ଧରାଳି ପ୍ରଦୀପ ପରିଡ଼ାଙ୍କୁ ଡାକି ତାଙ୍କ ଘରୁ ଚାରି ଫୁଟ ଲମ୍ବାର ଚମ୍ପା ନାଗକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଛନ୍ତି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଖଣ୍ଡପଡ଼ା/ଭାପୁର, ୨୯।୬(ସମିସ): ଭାପୁର ବ୍ଲକ ଅଧୀନ ବାଇଗୁଣିଆ ଗ୍ରାମର ଦାଣ୍ଡସାହିବାସିନ୍ଦା ସ୍ୱର୍ଗତ ମଦନ ମୋହନ ଦାଶଙ୍କ ଧର୍ମପତ୍ନୀ ଅପସରା ଦାଶଙ୍କ ୮୫ ବୟସରେ ଶନିବାର ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିବା ପରିବାର ପକ୍ଷରୁ କୁହାଯାଇଛି। ତାଙ୍କ



ଦେହାନ୍ତ ଖବର ଶୁଣି ବନ୍ଧୁପରିଜନ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଦଣ୍ଡପାଣି ଦାଶ ମୁଖାଗ୍ନି ଦେଇଛନ୍ତି।

ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଉଦାସୀନତା

# ବର୍ଷ ବର୍ଷ ଧରି ସୁଧୁରୁନି ଡ୍ରେନ୍ ସମସ୍ୟା




ଖଣ୍ଡପଡ଼ା, ୨୯।୬(ସମିସ): ମୁକୁଳା ଡ୍ରେନ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ଅଘଟଣ ଘଟୁଛି। ଡ୍ରେନ୍ ଭିତରେ ପଡ଼ି ଲୋକେ ମୃତାହତ ହେଉଛନ୍ତି। ଏହାସତ୍ତ୍ୱେ ଅଘଟଣ ଏଡାଇବା ପାଇଁ ପ୍ରଶାସନର ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ଅନେକ ସ୍ଥାନରେ ଡ୍ରେନଗୁଡ଼ିକ ମୁକୁଳା ଅବସ୍ଥାରେ ପଡ଼ିରହିଛି। ଦୀର୍ଘବର୍ଷ ଧରି ସ୍ଲାବ ପକାଇବା ପାଇଁ ଏନ୍‌ଏସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନାହାନ୍ତି। ମୁକୁଳା ଡ୍ରେନ ଲୋକଙ୍କ ପାଇଁ ବିପଦ ସାଜିଥିବା ବେଳେ ବର୍ଷା ହେଲେ ଅଘଟଣର ଆଶଙ୍କା ପ୍ରକାଶ ପାଇଛି। ତତସହିତ ଖଣ୍ଡପଡ଼ା ଏନଏସି ଅଧୀନ ବିଭିନ୍ନ ସ୍ଥାନରୁ ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣର ଯଥେଷ୍ଟ ଆବଶ୍ୟକତା ରହିଛି। ସହରାଞ୍ଚଳର ବିଭିନ୍ନ ଗଳିକନ୍ଦିରେ ଡ୍ରେନ ନିର୍ମାଣ ସାରିଥିବା ବେଳେ କିଛି ସ୍ଥାନରେ ଡ୍ରେନ ନିର୍ମାଣାଧୀନ ରହିଛି। ସହର ମଧ୍ୟରେ ରହିଥିବା ବିଭିନ୍ନ ଡ୍ରେନ୍ ମଇଳା ଓ ଆବର୍ଜନାରେ ଭର୍ତ୍ତି ହୋଇଥିବା ଏବଂ ପାଣି ନିଷ୍କାସନ ଠିକ୍ ଭାବେ ହୋଇପାରୁ ନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ମୌସୁମୀ ବର୍ଷା ନେଇ ସୂଚନା ଜାରି କରାଯାଇଥିବା ବେଳେ ବିଭିନ୍ନ ଗଳିକନ୍ଦିରେ ଡ୍ରେନ୍ ମଧ୍ୟ ନିର୍ମାଣାଧୀନ ରହିଛି। ବିଶେଷ କରି ସହରାଞ୍ଚଳ ମେଡିକାଲ ଛକ ଠାରୁ ପୋଷ୍ଟ ଅଫିସ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ରହିଥିବା ଡ୍ରେନ୍ ଉପରେ ଦୀର୍ଘଦିନ ଧରି ସ୍ଲାବ୍ ନପଡ଼ିବା ଯୋଗୁଁ ସେଗୁଡ଼ିକ ମୁକୁଳା ଅବସ୍ଥାରେ ରହି ପଥଚାରୀ ଏବଂ ଗାଈ ଗୋରୁଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସେହିପରି ସେହିପରି ମହିଳା କଲେଜ ଠାରୁ ବଜାରକୁ ସଂଯୋଗ କରୁଥିବା ଘନଶ୍ୟାମ ଗଳି, ମଣିକର୍ଣ୍ଣିକା ସାହି ଠାରୁ ଭୁଟୁଭୁଟିକୁ ସଂଯୋଗ କରୁଥିବା ରାସ୍ତା, ରଥଗଡ଼ା ଛକ ନିକଟରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର ପାର୍ଶ୍ୱ ଏହିଭଳି ଏକାଧିକ ସ୍ଥାନରେ ଡ୍ରେନ ମୁକୁଳା ପଡ଼ିଛି। ସେହିପରି ୧୦ ନଂ ୱାର୍ଡ ବ୍ରାହ୍ମଣ ସାହି ଉପକଣ୍ଠ ସମେତ ବିଭିନ୍ନ ସ୍ଥାନରେ ଡ୍ରେନ ନିର୍ମାଣାଧୀନ ଥିବାବେଳେ ରାସ୍ତା ଉପରେ ବାଲି, ଗୋଡି ଗଦା ହୋଇଛି। ଫଳରେ ଯାତାୟାତ ପାଇଁ ଲୋକଙ୍କୁ ହଟହଟା ହେବାକୁ ପଡୁଛି। ପ୍ରଶାସନର ଅବହେଳା ଯୋଗୁ ସହରର ଡ୍ରେନ ଗୁଡ଼ିକ ମୁକୁଳା ପଡ଼ିଥିବା ନେଇ ନଗର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ବର୍ଷା ଆସିବା ପୂର୍ବରୁ ସମସ୍ତ ଡ୍ରେନ ସଫା କରାଯିବା କଥା। ମାତ୍ର ସେଭଳି କରାଯାଇ ନଥିବା ଯୋଗୁ ଲୋକେ ବର୍ତ୍ତମାନ ଅସୁବିଧାର ସମ୍ମୁଖୀନ ହେଉଥିବା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ପ୍ରତିକ୍ରିୟା ଦେଇଛନ୍ତି। ମୁକୁଳା ଡ୍ରେନରେ ବିଭିନ୍ନ ସମୟରେ ଗାଈ, ଗୋରୁ ପଡ଼ି ଆହତ ହେଉଥିବା ବେଳେ ଅନେକ ସମୟରେ ଲୋକେ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ମୌସୁମୀ ବର୍ଷା ପୂର୍ବରୁ ସହରରେ ଥିବା ସମସ୍ତ ମୁକୁଳା ଡ୍ରେନ୍‌ରେ ସ୍ଲାବ ପକାଇବା ସହ ପୁନରୁଦ୍ଧାର ନିମନ୍ତେ ଦାବି କରିଛନ୍ତି ସହରାଞ୍ଚଳ ବାସିନ୍ଦା।

# ଦଶପଲ୍ଲାବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ କେବେ

ଦଶପଲ୍ଲା, ୨୯।୬(ସମିସ): ଦଶପଲ୍ଲା ସହରାଞ୍ଚଳରେ ଏକାଧିକ ବ୍ୟୟ ବହୁଳ ସୁଦୃଶ୍ୟ ପାନୀୟ ଜଳ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ସରିଛି। ପ୍ରଚଣ୍ଡ ରୌଦ୍ରତାପରେ ଜନସାଧାରଣ ଭାଜି ହେଉଥିବା ସହିତ ପାଣି ଟୋପାଏ ପାଇଁ ଡହକ ବିକଳ ହେଉଥିବା ବେଳେ ଏଗୁଡ଼ିକ କାର୍ଯ୍ୟକ୍ଷମ ନହେବା ନେଇ ସାଧାରଣ ଅସନ୍ତୋଷ ଦାନ ବାନ୍ଧୁଛି। ବିଶେଷ କରି ଦଶପଲ୍ଲା ବସଷ୍ଟାଣ୍ଡ ଭଳି ଜନଗହଳି ସ୍ଥାନ, କୋର୍ଟ ପରିସର, ଦୂର୍ଗାବଜାର ଓ ମହିଳା କଲେଜ ସମ୍ମୁଖରେ ଥିବା ପାନୀୟ ଜଳ ପୋଷ୍ଟ ଗୁଡ଼ିକ କାର୍ଯ୍ୟକ୍ଷମ ପରିବର୍ତ୍ତେ ପରିତ୍ୟକ୍ତ ଅବସ୍ଥାକୁ ଆସିଗଲାଣି। ସମସ୍ତଙ୍କୁ ମାଗଣାରେ ବିଶୁଦ୍ଧ ପିଇବା ପାଣି ନିମନ୍ତେ ସରକାର ବହୁ ମୂଲ୍ୟ ଅର୍ଥ ବିନିଯୋଗ କରିଥିବା କର୍ତ୍ତୃପକ୍ଷଙ୍କ ଉଦାସୀନତା ନେଇ ଜନସାଧାରଣ ସୁଫଳ ପାଇ ପାରୁନାହାନ୍ତି। ଏଥିପାଇଁ ତୁରନ୍ତ ଧ୍ୟାନ ଦେବା ପାଇଁ ବିଭିନ୍ନ ଗଣ ସଙ୍ଗଠନ ଗଣମାଧ୍ୟମ ଜରିଆରେ ଦାବି ଜଣାଇଛନ୍ତି।



ଗାଁକୁ ଯାଇ କର୍ମୀଙ୍କୁ ଭେଟିଲେ ଡ. ଅରୁଣ

# ଷଷ୍ଠ ପାଳି ପାଇଁ ସଂଗଠନ ଆରମ୍ଭ



ନୟାଗଡ଼, ୨୯।୬(ସମିସ): ନିର୍ବାଚନ ପରେ ପଞ୍ଚମ ଥର ପାଇଁ ନୟାଗଡ଼ ବିଧାନସଭା ଆସନରୁ ବିଜୟୀ ବିଧାୟକ ଡ. ଅରୁଣ କୁମାର ସାହୁ ଶନିବାର ପ୍ରଥମ ଥର ପାଇଁ ଗାଁକୁ ଯାଇ ସଂଗଠନ ଆରମ୍ଭ କରିଛନ୍ତି। ନିର୍ବାଚନ ପାଇଁ ସେ ଲୋକଙ୍କୁ କୃତଜ୍ଞତା ଜଣାଇବା ସହ ୬ଷ୍ଠ ପାଳି ପାଇଁ ସଂଗଠନ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ୨୦୨୪ ନିର୍ବାଚନ ଅନେକ ବରିଷ୍ଠ ନେତାଙ୍କୁ ପରାଜୟ ସ୍ୱୀକାର କରାଇଥିବା ବେଳେ ନୟାଗଡ଼ବାସୀଙ୍କ ଭଲପାଇବା ଏବଂ ଡ. ସାହୁଙ୍କ କଠିନ ପରିଶ୍ରମ ତାଙ୍କୁ ବିଜୟ ପଥରେ ଆଗେଇ ନେଇଛି। ଯାହାକୁ ନେଇ ଆଜି ବିଧାୟକ ଡ. ସାହୁ ନୟାଗଡ଼ ବ୍ଲକ କେନ୍ଦୁଡିପି, ନୋଡର, କାଳିକାପ୍ରସାଦ ଓ ଖୁଣ୍ଟୁବନ୍ଧ ପଞ୍ଚାୟତକୁ ଯାଇ କର୍ମୀଙ୍କୁ ଭେଟିଛନ୍ତି। ନୟାଗଡ଼ ମାଟି ମା' ପାଇଁ ସଦାସର୍ବଦା କାମ କରିବା, ଲୋକ ମାନଙ୍କର ସୁବିଧା ଅସୁବିଧାରେ ଛିଡା ହେବାକୁ ସେ ପଛାଇବେ ନାହିଁ ବୋଲି କହିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଲୋକଙ୍କ ପାଖରେ ଅଛୁ ଓ ସେମାନଙ୍କ ସେବା କରିବୁ ବୋଲି କହିଛନ୍ତି। ରାଜନୀତି ସେବାର ଅନ୍ୟତମ ମାର୍ଗ ବୋଲି କହିଛନ୍ତି। ପ୍ରତି ମୁହୂର୍ତ୍ତରେ ଆପଣଙ୍କ ପାଖରେ ଅଛି ଓ ରହିବି ବୋଲି କହିବା ସହ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ବୋଲି କହିଛନ୍ତି।ବିଭିନ୍ନ ସ୍ଥାନରେ ବିଧାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ନୟାଗଡ଼ ଜିଲ୍ଲା ସଦରମହକୁମା

# ବ୍ୟାରିକେଡ୍ ଭରସାରେ ଟ୍ରାଫିକ, ଛତା ଭରସାରେ ପୁଲିସ



ନୟାଗଡ଼, ୨୯।୬(ସମିସ): ନୟାଗଡ଼ ଜିଲ୍ଲା ସଦମହକୁମା ମୁଖ୍ୟ ଛକରେ ଟ୍ରାଫିକ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଯେଉଁ ପରିକଳ୍ପନା କରାଯାଇଥିଲା, ତାହା ଅଧା ଅଧୁରା ଅବସ୍ଥାରେ ରହିଛି। ଜାତୀୟ ରାଜପଥ ବିଭାଗ ପୁରୁଣା ବସଷ୍ଟାଣ୍ଡକୁ ଭାଙ୍ଗି ଗୋଲେଇ ଛକ ନିର୍ମାଣ କରିଛି। ମାତ୍ର ଆବଶ୍ୟକ ଡିଭାଇଡର, ଅଟୋମେଟିକ ଟ୍ରାଫିକ୍ ସିଷ୍ଟମ ପାଇଁ ଯେଉଁ ଆଶା କରାଯାଇଥିଲା ତାହା ଫଳବ୍ରତୀ ହୋଇନାହିଁ। ଟ୍ରାଫିକ ପୁଲିସଙ୍କ ପାଇଁ ଫାଣ୍ଡି ଗୃହ କିମ୍ବା ଟେଣ୍ଟ ବ୍ୟବସ୍ଥା ନଥିବାରୁ ବିପଦପୂର୍ଣ୍ଣ ଗୋଲେଇ ଛକରେ ଛତାକୁ ଭରସା କରି ଅସହାୟ ଅବସ୍ଥାରେ ନିୟନ୍ତ୍ରଣ କରୁଥିବା ଦେଖାଯାଇଛି। ନୟାଗଡ଼ ଜିଲ୍ଲାରେ ଦୀର୍ଘବର୍ଷ କାଳରୁ ରହିଥିବା ଟ୍ରାଫିକ ଅବ୍ୟବସ୍ଥାକୁ ଦୂର କରିବା ପାଇଁ ଜାତୀୟ ରାଜପଥ ବିଭାଗ ୨ କୋଟି ଟଙ୍କା ମଞ୍ଜୁର କରିଥିଲା। ଏହି ଟଙ୍କାରେ ଯେଉଁ ନିର୍ମାଣ ହେଲା, ତାହାକୁ ନେଇ ସହରବାସୀଙ୍କ ମନରେ ଅନେକ କ୍ଷୋଭ ରହିଛି। ଗୋଲେଇ ଛକ ନିର୍ମାଣ ବେଳେ ଆବଶ୍ୟକତା ଅନୁସାରେ ରାସ୍ତା ପ୍ରଶସ୍ତିକରଣ କରିବାକୁ ବିଭାଗ ଧ୍ୟାନ ଦେଲା ନାହିଁ। ଏଣୁ ଦୁଇ ପାଶ୍ୱର୍ର ରାସ୍ତାରେ ଡିଭାଇଡର ନିର୍ମାଣ ହୋଇପାରିଲା ନାହିଁ। ଫଳରେ ବ୍ୟାରିକେଟ୍ ରଖି ଟ୍ରାଫିକ ପୁଲିସ ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ଲେମ୍ବୁ ଛକ ଏବଂ ଡିଏଫ୍‌ଓ ଅଫିସ୍ଠାରୁ ଅଣଓସାରିଆ ରାସ୍ତା, କେସି କ୍ଲବଠାରେ ଅଣଓସାରିଆ ରାସ୍ତା ପାଇଁ ଟ୍ରାଫିକ ବ୍ୟବସ୍ଥା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଛି। ମାଲ ବୋଝେଇ ଭାରିଯାନ ଗୁଡ଼ିକ ଗୋଲେଇ ଛକ ବୁଲିବା ସମୟରେ ଭୟଙ୍କର ପରିସ୍ଥିତିର ସାମ୍ନା କରୁଛନ୍ତି। ଟ୍ରାଫିକ ନିୟମନ୍ତ୍ରଣ ପାଇଁ ପୁରୁଣା ବସଷ୍ଟାଣ୍ଡରେ ଏକ ଆଉଟପୋଷ୍ଟ ରହିଥିଲା। ନୂତନ ଗୋଲେଇ ଛକ ନିର୍ମାଣ ପରେ ଏଥିପ୍ରତି ଧ୍ୟାନ ଦିଆଗଲା ନାହିଁ। ଫଳରେ ଡ୍ୟୁଟିରେ ରହୁଥିବା ଟ୍ରାଫିକ ପୁଲିସ ଖରା,

### ନିର୍ମାଣ ହୋଇପାରିଲାନି ଅଟୋମେଟିକ୍ ଟ୍ରାଫିକ ସିଷ୍ଟମ

ବର୍ଷାରେ ଛତା ଧରି ସମୟ କାଟୁଥିବା ଦେଖାଯାଇଛି। ଉକ୍ତ ଗୋଲେଇ ଛକକୁ ସୌନ୍ଦର୍ଯ୍ୟମୟ କରାଯାଇ ଆମ ପାଇଁ ବଡ, ଆମ ନୟାଗଡ଼ ଫଳକ ଲଗାଯାଇଛି। ଯାହା ପଶ୍ଚିମ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାକୁ ଯାତାୟତ କରୁଥିବା ଯାତ୍ରୀଙ୍କୁ ବିଭୋର କରୁଛି। ଗୋଲେଇ ଛକ ସଂଲଗ୍ନ ରାସ୍ତା ପ୍ରଶସ୍ତିକରଣ, ଅଟୋମେଟିକ ଟ୍ରାଫିକ ସିଷ୍ଟମ ଏବଂ ଟ୍ରାଫିକ ପୁଲିସଙ୍କ ପାଇଁ ଏକ ଗୃହ ନିର୍ମାଣ କରିଯିବାକୁ ଦାବି ହେଉଛି।



୨୯/୬/୨୦୨୪ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୯୦,୦୨୬/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍







### ପୁରୀରେ ଘଡ଼ଘଡ଼ି ସାଙ୍ଗକୁ ମୂଷଳ ବର୍ଷା

# ଜଳମଗ୍ନ ହେଲା ବଡ଼ଦାଣ୍ଡ



ରଥଖଳାରେ ଭିଜିଲା ତିନିରଥ



**ପୁରୀ, ୨୯।୬(ସମିସ)**

ପୁରୀରେ ଘଡ ଘଡି ସାଙ୍ଗକୁ ମୂଷଳ ଧାରାରେ ହୋଇଛି ବର୍ଷା। ନିର୍ଘ୍ଣମ ବର୍ଷାରେ ବଡ଼ଦାଣ୍ଡ ସମେତ ସହରର ପ୍ରାୟ ସବୁ ଗଳିକନ୍ଦି ରାସ୍ତା ଜଳମଗ୍ନ ହୋଇଯାଇଥିଲା। ରଥଖଳାରେ ବି ଭିଜିଥିଲା ତିନିରଥ। ସନ୍ଧ୍ୟା ପରଠାରୁ ରାତି ପ୍ରାୟ ୯ଟା ୪୦ ପର୍ଯ୍ୟନ୍ତ ବିଜୁଳି, ଘଡ଼ଘଡ଼ି ବର୍ଷା ଲାଗି ରହିଥିଲା। ମଝିରେ ମଝିରେ ଯଦିଓ ବର୍ଷା କମିଥିଲା କିନ୍ତୁ ସହରକୁ ପୁରା ଜଳମଗ୍ନ କରିଦେଇଥିଲା।

ଶନିବାର ସକାଳୁ ପାଗ ମେଘୁଆ ରହିଥିଲା। କିନ୍ତୁ ଅପରାହ୍ନ ୫ଟା ପରଠାରୁ ଆରମ୍ଭ ହୋଇଥିଲା ବର୍ଷା। ଫଳରେ ସହରର ସବୁ ରାସ୍ତାଘାଟ ଜଳମଗ୍ନ ହୋଇଯାଇଥିଲା। ବିଶେଷକରି ବଡଦାଣ୍ଡର ସ୍ଥିତି ଅଧିକ ସଙ୍ଗୀନ ହୋଇପଡ଼ିଥିଲା। ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ପାଣି ଜମିଥିଲା। କିନ୍ତୁ ମେଡିକାଲ ଛକ, ମାର୍କେଟ ଛକ, ବଳଗଣ୍ଡି ପ୍ରଭୃତି କେତେକ ସ୍ଥାନରେ ପ୍ରାୟ ୨ ଫୁଟର ପାଣି ଜମି ଯାଇଥିଲା। କେବଳ ବଡଦାଣ୍ଡ ନୁହେଁ, ସହରର ଅଧିକାଂଶ ରାସ୍ତାରେ ପାଣି ଜମିଥିଲା। ବେଳାଭୂମି ରାସ୍ତାରେ ପାଣିର ସୁଅ ଚାଲିଥିଲା। ଫଳରେ ଯାତାୟାତ ପାଇଁ ଏହି ସମୟରେ ଲୋକେ ହଇରାଣ ହୋଇଥିଲେ। କିନ୍ତୁ ଅଧିକାଂଶ ଡ୍ରେନ୍ ସଫେଇ କରାଯାଇଥିବାରୁ ଅଧିକ ସମୟ ପାଣି ରାସ୍ତାରେ ରହୁ ନ ଥିଲା। ସହିପରି ରଥଖଳାରେ ମଧ୍ୟ ବର୍ଷା ପାଣିର ସୁଅ ଛୁଟିଥିଲା।। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଦଣ୍ଡାୟମାନ ତିନିରଥ ବର୍ଷା ପାଣିରେ ଭିଜିଥିଲା।

### ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ; ୨ ଗିରଫ

## ୪.୧ କିଲୋ ଜବତ

**ପୁରୀ, ୨୯।୬(ସମିସ):** ଟ୍ରେନରେ ଗଞ୍ଜେଇ ଚାଲାଣ ବେଳେ ୨ ଜଣଙ୍କୁ ପୁରୀ ରେଳ ଷ୍ଟେଶନରୁ ଗିରଫ କରାଯାଇଛି। ଅଭିଯୁକ୍ତ ଦୁଇଜଣ ହେଲେ ବିହାରର ଛୋଟୁ କୁମାର ଓ ସନ୍ଧୀର କୁମାର। ସୂଚନା ଅନୁଯାୟୀ, ଟ୍ରେନରେ ବିଭିନ୍ନ ସମୟରେ ନିଶାଦ୍ରବ୍ୟ ଚୋରାଚାଲାଣ ହେଉଥିବାରୁ ଶୁକ୍ରବାର ରାତିରେ ଆର୍‌ପିଏଫ ଅଧିକାରୀ ଓ କର୍ମଚାରୀ ଏବଂ ଖୋର୍ଦ୍ଧାରୋଡ ସିଆଇବି ୟୁନିଟ୍ ପକ୍ଷରୁ ଇନ୍ସପେକ୍ଟର ଅପରେଶ ବେହେରାଙ୍କ ନେତୃତ୍ୱରେ ଯାଞ୍ଚ ଚାଲିଥିଲା। ପୁରୀ-ଯୋଗନଗରୀ କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ ଯାଞ୍ଚ ସମୟରେ ସ୍ଲିପର କୋଚର (ଏସ୍-୫) ବଗି ଶୌଚାଳୟରୁ ୫ ପ୍ୟାକେଟ ଗଞ୍ଜେଇ ଜବତ କରାଯାଇଥିଲା। ଜବତ ଗଞ୍ଜେଇ ୪.୧ କିଲୋ ହୋଇଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୪୧ ହଜାର ଟଙ୍କା ହେବ। ଏହାକୁ ସେମାନେ ଚାଲାଣ କରୁଥିବା ଦୁଇ ଅଭିଯୁକ୍ତ ସ୍ୱୀକାର କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଜିଆର୍‌ପି ଥାନାକୁ ହସ୍ତାନ୍ତର କରାଯାଇଥିଲା।

### ନାବାଳିକାକୁ ଯୌନ ନିର୍ଯାତନା ମାମଲା

## ଦୋଷୀକୁ ୫ ବର୍ଷ କାରାଦଣ୍ଡ

**ପୁରୀ, ୨୯।୬(ସମିସ)**

୨୦୨୦ ମସିହାରେ ଚନ୍ଦନପୁର ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ (ଆଡହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ଚନ୍ଦନପୁର ଥାନା ଅନ୍ତର୍ଗତ କାଳିଆକେରା ଗ୍ରାମର ସଞ୍ଜୟ ପ୍ରଧାନକୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୫ ଦିନ ଜେଲ୍‌ଦଣ୍ଡ ଭୋଗିବାକୁ ବିଚାରପତି ରାମନାଥ ପଣ୍ଡା ରାୟ ଦେଇଛନ୍ତି। ୨୦୨୦ ମସିହା ଫେବୃୟାରୀ ୧୫ ତାରିଖରେ ଜଣେ ନାବାଳିକାକୁ ସଞ୍ଜୟ ଯୌନ ନିର୍ଯାତନା ଦେଇଥିଲା। ଅଭିଯୁକ୍ତ ମୋବାଇଲ ଦେଖୁଥିଲା। ଏହି ସମୟରେ ନାବାଳିକାକୁ ଡାକି କୋଳରେ ବସାଇ ତା' ସହିତ ଦୁଷ୍କର୍ମ କରିଥିଲା। ସେହିଦିନ ପୀଡ଼ିତାଙ୍କ ପରିବାର ଅଭିଯୁକ୍ତଙ୍କ ଘରକୁ ଆସି ପଚାରିବାରୁ ତାଙ୍କ ପରିବାରର ଅନ୍ୟମାନେ ଆକ୍ରମଣ କରିଥିଲେ।



ଏହା ପରଦିନ ଥାନାରେ ପୀଡ଼ିତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଚନ୍ଦନପୁର ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୩୬/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ଅଭିଯୁକ୍ତକୁ ଗିରଫ କରାଯିବା ପରେ ସେ ଜେଲ୍ ଯାଇଥିଲା। ସେହିବର୍ଷ ଏପ୍ରିଲ ୧୫ ତାରିଖରେ ଏହାର ଚାର୍ଜଶିଟ୍ ଦାଖଲ ହୋଇଥିଲା। ତେବେ ସାକ୍ଷୀଙ୍କ ବୟାନକୁ ଆଧାର କରି ମାନ୍ୟବର ଅଦାଲତ ଏହି ରାୟ ଦେଇଛନ୍ତି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ପିପି) ବାହାନ ପରିଡ଼ା ପରିଚାଳନା କରୁଥିଲେ।

## ୬୭ ଗ୍ରାମ୍ ବ୍ରାଉନସୁଗର ଜବତ; ଅଭିଯୁକ୍ତ ଗିରଫ

**ପୁରୀ, ୨୯।୬(ସମିସ):** ପୁରୀ ସହରରେ ବେଆଇନ ନିଶା କାରବାର ବଢ଼ିବାରେ ଲାଗିଛି। ବିଶେଷକରି ଅସାମାଜିକ ଯୁବକମାନେ ଏହି କାରବାର କରୁଛନ୍ତି। ବିଭିନ୍ନ ସମୟରେ ପୁଲିସ ଏବଂ ଅବକାରୀ ବିଭାଗ ସେମାନଙ୍କୁ ଧରୁଥିଲେ ମଧ୍ୟ ଏହି ବେଆଇନ ନିଶା କାରବାର ଉପରେ ସମ୍ପୂର୍ଣ୍ଣ ରୋକ୍ ଲାଗିପାରୁ ନାହିଁ। ଶନିବାର ମଙ୍ଗଳା ଘାଟ ଛକରେ ବ୍ରାଉନସୁଗର ବିକ୍ରି କରୁଥିବା ବେଳେ ଅବକାରୀ ପୁଲିସ ଚଢାଉ କରି ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ହେଲେ ବାସେଳୀସାହି ଥାନା ଅଧୀନ ମିଶ୍ର ସାହି ଜଗନ୍ନାଥ ବସ୍ତିର ସୋଲିଆ ବେହେରା (୬୭)। ସୂଚନା ଅନୁଯାୟୀ, ସୋଲିଆ ଅପରାହ୍ନ ପ୍ରାୟ ୨ଟା ସମୟରେ ମଙ୍ଗଳା ଘାଟ ଛକରେ ବ୍ରାଉନସୁଗର ବିକ୍ରି କରୁଥିଲେ। ଖବର ପାଇ ଅବକାରୀ ପୁଲିସ ଚଢାଉ କରି ସୋଲିଆକୁ ଗିରଫ କରିଥିଲା। ତା' ନିକଟରୁ ୬୭ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।



ଜଣେ ଶିଳ୍ପୀ ରୁଷି ପଟାକୁ ରଙ୍ଗ କରୁଛନ୍ତି

### ପୁରୀ ଷ୍ଟେସନ୍‌ରେ ରେଳମନ୍ତ୍ରୀ

## ରଥଯାତ୍ରା ପ୍ରସ୍ତୁତିର ନିରୀକ୍ଷଣ କଲେ ଅଶ୍ୱିନୀ

**ଭୁବନେଶ୍ୱର, ୨୯।୬ (ସମିସ)**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ପୁରୀ ରେଳ ଷ୍ଟେସନ୍ ପରିଦର୍ଶନ କରି ରଥଯାତ୍ରା ସମୟରେ ରେଳବାଇ ଦ୍ୱାରା ତୀର୍ଥଯାତ୍ରୀ ତଥା ଭକ୍ତଙ୍କ ସୁବିଧା ପାଇଁ କରାଯାଉଥିବା ବ୍ୟବସ୍ଥାଗୁଡ଼ିକର ନିରୀକ୍ଷଣ କରିବା ସହ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ରଥଯାତ୍ରା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ରେଳମନ୍ତ୍ରୀ କହିଥିଲେ ଯେ ଯାତ୍ରୀମାନଙ୍କ ସୁବିଧା ପାଇଁ ଏବର୍ଷ ସମୁଦାୟ ୩୧୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯାଉଛି। ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ସହ ଓଡ଼ିଶାର ବିଭିନ୍ନ ପ୍ରାନ୍ତକୁ ପୁରୀ ସହ ଟ୍ରେନ୍ ସଂଯୋଗ କରାଯିବ। ଚଳିତବର୍ଷ ରେଳବାଇ ୧୫ ଲକ୍ଷ ଯାତ୍ରୀଙ୍କୁ ପୁରୀକୁ ଏବଂ ପୁରୀରୁ ନିଜ ଗନ୍ତବ୍ୟସ୍ଥଳକୁ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛି। ଏହାବ୍ୟତୀତ, କୃତ୍ରିମ ବୁଦ୍ଧିମତା (ଏଆଇ) ଆଧାରିତ ଡାଇନାମିକ ସିଡ୍ୟୁଲିଂ ମାଧ୍ୟମରେ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ଯୋଜନା କରାଯାଇଛି। ଏହାଦ୍ୱାରା ଅଧିକ ଯାତ୍ରୀଙ୍କୁ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାକୁ ସହାୟକ ହେବ।

- ଏଆଇ ଆଧାରିତ ଡାଇନାମିକ୍ ସିଡୁଲିଙ୍ଗ ମାଧ୍ୟମରେ ଅଧିକ ସ୍ୱତନ୍ତ୍ର ଟ୍ରେନ ପାଇଁ ଯୋଜନା
- ୧୫ଲକ୍ଷ ଯାତ୍ରୀଙ୍କୁ ଯାତାୟାତ ସୁବିଧା ପ୍ରଦାନ ଲକ୍ଷ୍ୟ

## ମିଶନ ଶକ୍ତି ଭବନରୁ ଚୋରି; ଜଣେ ଗିରଫ

**ପୁରୀ, ୨୯।୬(ସମିସ):** ମିଶନ ଶକ୍ତି ଭବନରୁ ଚୋରି କରିବା ଜଣେ ନାବାଳକକୁ ମହଙ୍ଗା ପଡ଼ିଛି। ସମୁଦ୍ରକୂଳ ଥାନା ପୁଲିସ ସମ୍ପୃକ୍ତ ନାବାଳକଙ୍କୁ କାବୁ କରିବା ସହ ତା'ଠାରୁ ଚୋରି ଜିନିଷ ଉଦ୍ଧାର କରିଛି। ଶୁକ୍ରବାର ଏ ନେଇ ସଂଯୁକ୍ତ ମେକାପ ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ପୁରୀ ସଦର ବ୍ଲକ ପରିସର ମିଶନ ଶକ୍ତି ଭବନର ସ୍କାଏଲାଇଟ୍ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲା। ଘର ଭିତରୁ ପାଣି ଟ୍ୟାପ ସହିତ ଆଉ କେତେକ ସାନିଟାରୀ ସାମଗ୍ରୀ ଚୋରି କରିଥିଲା। ଏହି ଅଭିଯୋଗ ପାଇବା ପରେ ପୁଲିସ ଏକ ମାମଲା (ନଂ.୧୫୪/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ସକାଳେ ଅଭିଯୁକ୍ତ ନାବାଳକକୁ ପୁଲିସ କାବୁ କରିବା ସହ ତା'ଠାରୁ ୧୫ଟି ପାଣି ଟ୍ୟାପ, ୩ଟି ସିସିଟିଭ କ୍ୟାମେରା ଜବତ କରିଛି। ତେବେ ତାକୁ ଜେଜେବିରେ ହାଜର ପରେ ବ୍ରହ୍ମପୁରସ୍ଥିତ ସେଲ୍‌ଫଟର ହୋମ୍‌କୁ ପଠାଇଦିଆଯାଇଛି ବୋଲି ଆଇଆଇସି ମାନସ ଚକ୍ର କହିଛନ୍ତି।

### ଅଭିଜ୍ଞ ପୁଲିସ ଅଧିକାରୀଙ୍କୁ ରଥଯାତ୍ରା ଦାୟିତ୍ୱ

## ଶ୍ରୀମନ୍ଦିର ଭିତର ଦାୟିତ୍ୱରେ ଡା. ସାର୍ଥକ ଷଡ଼ଙ୍ଗୀ

**ପୁରୀ, ୨୯।୬(ସମିସ):** ପାଖେଇ ଆସିଲାଣି ରଥଯାତ୍ରା। ଆଉମାତ୍ର ୭ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ସେହିପରି ସନ୍ଧ୍ୟା ଦର୍ଶନ, ବାହୁଡ଼ା, ସୁନାବେଶ, ନୀଳାଦ୍ରି ବିଜେ ପ୍ରଭୃତି ପର୍ବପର୍ବାଣି ରହିଛି। ତେବେ ନୀତିକାନ୍ତି ଦୃଷ୍ଟିରୁ ଦେଖିଲେ ଏଥର ରଥଯାତ୍ରା ସ୍ୱତନ୍ତ୍ର। ଅର୍ଥାତ୍ ଏ ବର୍ଷ ଗୋଟିଏ ଦିନରେ ପଡ଼ିଛି ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା। ଶେଷଥର ପାଇଁ ୧୯୭୧ ମସିହାରେ ଏମିତି ତିଥି ପଡ଼ିଥିଲା। ତେଣୁ ଗୋଟିଏ ଦିନରେ ଏତେଗୁଡ଼ିଏ ନୀତିକାନ୍ତି କିପରି ସମ୍ପନ୍ନ କରାଯାଇ ରଥଟଣା ଯିବ ତାକୁ ନେଇ ସମସ୍ତେ ଦ୍ୱନ୍ଦ୍ୱରେ। ତେଣୁ ଜୁଲାଇ ୭ ତାରିଖ ଭଳି ୮ ତାରିଖରେ ମଧ୍ୟ ରଥଟଣା ଯିବ ବଡ଼ଦାଣ୍ଡରେ। ଦୁଇଦିନ ରଥଟଣାକୁ କିପରି ଶୃଙ୍ଖଳିତ କରାଯିବ ଏବଂ ଶ୍ରଦ୍ଧାଳୁମାନେ ସୁରକ୍ଷିତ ଭାବେ ଦର୍ଶନ କରିବେ ତାହା ପୁଲିସ ପାଇଁ ବଡ଼ ଚ୍ୟାଲେଞ୍ଜ। ଏହାକୁ ନଜରରେ ରଖି ଚଳିତବର୍ଷ ଅଭିଜ୍ଞ ପୁଲିସ ଅଧିକାରୀଙ୍କୁ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ପ୍ରଭୃତି ଦାୟିତ୍ୱ ଦିଆଯାଇଛି।

ବରିଷ୍ଠ ପୁଲିସ ଅଧିକାରୀ ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ସୁରକ୍ଷା ଏବଂ ଗୁଇନ୍ଦା। (ସ୍ୱେଶାଲ ବ୍ରାଞ୍ଚ) ବ୍ୟବସ୍ଥାର ତଦାରଖ କରିବେ। ତାଙ୍କୁ ଏଥିରେ ଗୁଇନ୍ଦା ବିଭାଗର ବରିଷ୍ଠ ଅଧିକାରୀ ଅନୁପ କୁମାର ସାହୁ, ସ୍ୱେଶାଲ ବ୍ରାଞ୍ଚର ଅନନ୍ତ ଚରଣ ପତି ଏବଂ ସୁରକ୍ଷା ବିଭାଗର ସରୋଜ କୁମାର ପତି ସହାୟତା କରିବେ। ସେହିପରି ସମ୍ପୂର୍ଣ୍ଣ ରଥଯାତ୍ରାର ଜେନେରାଲ ପୁଲିସ ଆରେଞ୍ଜମେଣ୍ଟ ଦାୟିତ୍ୱରେ ଅଛନ୍ତି ଏଡିଜି (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର। ତାଙ୍କୁ ଆଇଜିପି ସଞ୍ଜୟ କୁମାର କୌଶଲ ଏବଂ ପୁରୀ ଏସ୍‌ପି ପିନାକ ମିଶ୍ର ସହଯୋଗ କରିବେ। ଶ୍ରୀମନ୍ଦିର ଭିତରେ ପୁଲିସ ବ୍ୟବସ୍ଥାର ତଦାରଖ ଦାୟିତ୍ୱରେ ରହିଛନ୍ତି ଡିଆଇଜିପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ। ୭ ଓ ୮ ତାରିଖ ଦୁଇଦିନ ଧରି ସେ ମନ୍ଦିର ପ୍ରଶାସନ ଏବଂ ସେବାୟତ ନିଯୋଗ ମଧ୍ୟରେ ସମନ୍ୱୟ ରକ୍ଷା କରି ନୀତିକାନ୍ତି କିପରି ଶୃଙ୍ଖଳିତ ଏବଂ ନିର୍ଘଣ୍ଟ ସମୟରେ ହେବ ତାହାର ସୁପରିଚାଳନା କରିବେ।

ଏହାପରେ ପୁରୀ ଏସ୍‌ପି ଗୁଣ୍ଡିଚା ମନ୍ଦିର, ବାହୁଡ଼ା, ସୁନାବେଶ ଏବଂ ନୀଳାଦ୍ରି ବିଜେର ଏହି ବ୍ୟବସ୍ଥା ତଦାରଖ କରିବେ। ଏଡିଜିପି ଏସ୍. ଦେବଦତ୍ତଙ୍କୁ କର୍ଡନ ଦାୟିତ୍ୱ ଦିଆଯାଇଛି। କର୍ଡନ ଭିତରେ ଗହଳି ନିୟନ୍ତ୍ରଣ ସହିତ ତିନିରଥର ପହଣ୍ଡି, ରଥଟଣା ସମେତ ବାହୁଡ଼ାଯାତ୍ରା ଏବଂ ସୁନାବେଶରେ ଏହି ଦାୟିତ୍ୱ ନିର୍ବାହ କରିବେ। ଡିଆଇଜିପି ଡ. ଉମାଶଙ୍କର ଦାଶ ରଥଯାତ୍ରା, ବାହୁଡ଼ା, ସନ୍ଧ୍ୟା ଦର୍ଶନ, ସୁନାବେଶରେ ଭିଡ଼ ନିୟନ୍ତ୍ରଣର ସୁପରିଚାଳନା କରିବେ। ତାଙ୍କୁ ଏଆଇଜିପି ବି. ଗଙ୍ଗାଧର, ଏଆଇଜିପି ବିବେକାନନ୍ଦ ଶର୍ମା ଏସ୍‌ପି ଅମରେଶ ପଣ୍ଡା ସହାୟତା କରିବେ।

ଏଡିଜିପି ଦୟାଲ ଗଙ୍ଗୱାର ରଥଯାତ୍ରା, ବାହୁଡ଼ା ଏବଂ ସୁନାବେଶର ଟ୍ରାଫିକ ପରିଚାଳନା ଦାୟିତ୍ୱ ଦିଆଯାଇଛି। ତାଙ୍କୁ ଡିଆଇଜିପି କେ. ବିଶାଲ ସିଂ, ଏଆଇଜିପି କିଶୋର କୁମାର ବାନ୍‌ଥୋ ସହାୟତା କରିବେ। ଭିଆଇପିଙ୍କ ପାଇଁ ହୋଇଥିବା ସମସ୍ତ ବ୍ୟବସ୍ଥାର ଦାୟିତ୍ୱ କାମାଣ୍ଡାଣ୍ଟ ଦୁର୍ବାସା ନାୟକଙ୍କୁ ଦିଆଯାଇଛି। ସେ ଭିଆଇପିଙ୍କ ସୁରକ୍ଷା ଏବଂ ଯାତାୟାତ ଆଦି ପାଇଁ ହୋଇଥିବା ସମସ୍ତ ବ୍ୟବସ୍ଥା ତଦାରଖ କରିବେ। ସେହିପରି ତଟସୁରକ୍ଷା, ରେଲୱେ, ଯୋଗଯୋଗ, କ୍ୟାମ୍ପ ଆଦି ପାଇଁ ପ୍ରମୁଖ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ଡ. ଉମାଶଙ୍କର ଦାଶଙ୍କୁ ଭିଡ଼ ନିୟନ୍ତ୍ରଣ, ଦୟାଲ ଗଙ୍ଗୱାର୍‌ଙ୍କୁ ଟ୍ରାଫିକ୍ ପରିଚାଳନା

## ଆଜି ପୁରୀ ବାଲାଜୀ ମନ୍ଦିରରେ ବୈକୁଣ୍ଠ ଉତ୍ସବ

**ପୁରୀ, ୨୯।୬(ସମିସ):** ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଲୋକନାଥ ମନ୍ଦିର ନିକଟସ୍ଥ ଥାନପତି ମାର୍ଗସ୍ଥିତ ଟ୍ରଷ୍ଟର ଶ୍ରୀବାଲାଜୀ ମନ୍ଦିର ପରିସରରେ ବୈକୁଣ୍ଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ପୂର୍ବ ଅଧ୍ୟକ୍ଷ ଶ୍ରୀରାମଚନ୍ଦ୍ର ରାମାନୁଜ ଦାସଜୀଙ୍କ ବୈକୁଣ୍ଠ ଉତ୍ସବ ତାଙ୍କ ପରମଗତିର ଦ୍ୱାଦଶ ବର୍ଷ ଅବସରରେ ତ୍ରି ଦିବଶିୟ ଉତ୍ସବ ଆସନ୍ତାକାଲି(ରବିବାର)ଆରମ୍ଭ ହେଉଛି ବୋଲି ଟ୍ରଷ୍ଟର ସଦସ୍ୟ ସନ୍ଥ ସୁଦର୍ଶନ ରାମାନୁଜ ଦାସ ସୂଚନା ଦେଇ କହିଛନ୍ତି। ମଧ୍ୟପ୍ରଦେଶର ସନ୍ଥମାନଙ୍କ ଦ୍ୱାରା କଳସ ପୂଜା, ତାମିଲନାଡୁର ପଣ୍ଡିତଙ୍କ ଦ୍ୱାରା ପ୍ରବନ୍ଧ ପାଠ, ପୁରୀ ଜିୟାର ସ୍ୱାମୀ ମଠର ଅଧ୍ୟାପକ ଏବଂ ବିଦ୍ୟାର୍ଥୀଙ୍କ ଦ୍ୱାରା ଗୀତା, ଭାଗବତ, ବାଲ୍ମୀକି ରାମାୟଣ ପାଠ, ମୁଁ ମୁଁ ଛୁ ପଡ଼ି, ଚତୁର୍ବେଦ ପାଠ ରାମାନୁଜ ସମ୍ପ୍ରଦାୟ ସ୍ତୋତ୍ର ପାଠ, ଚିତ୍ର ପୂଜା ଆଦି କରାଯିବା ସହିତ ୨ ଜୁଲାଇରେ ସହି ମାହୋଲା ଭକ୍ତ ସେବା ସହିତ ସନ୍ଧ୍ୟାରେ ସାଧୁସନ୍ଥ, ମହନ୍ତମାନଙ୍କ ବିଶେଷ ସେବା ଅନୁଷ୍ଠିତ ହେବ।

### ମରାମତିର ୬ ମାସ ଯାଉନି; ବନ୍ଧ ଫାଟି ଆଁ

# ବାଉରିଆକଣ ଦେବୀ ନଦୀବନ୍ଧ ଅସୁରକ୍ଷିତ



କୁଣ୍ଢେଇ, ୨୯ ।୬(ସମିସ): ପ୍ରତି ବର୍ଷବର୍ଷା ଋତୁ ଆସିବା ପୂର୍ବରୁ କାକଟପୁର, ଅସ୍ତରଙ୍ଗ ବ୍ଲକ ଦେଇ ଯାଇଥିବା ଦେବୀ ନଦୀବନ୍ଧର ମରାମତି କାର୍ଯ୍ୟ ଆରମ୍ଭ ହୁଏ। ତେବେ ମରାମତି ହେବାର ୬ ମାସ ନଯାଉଣୁ ବନ୍ଧ ଫାଟି ଆଁ କରେ। ଦେବୀନଦୀରେ ବନ୍ୟା ଜଳ ପ୍ରବାହିତ ହେବାମାତ୍ର ପୁରୀ ଜିଲ୍ଲାର କାକଟପୁର, ଅସ୍ତରଙ୍ଗ ୨ଟି ବ୍ଲକର ଜନସାଧାରଣ ନଦୀବନ୍ଧ କଥା ମନେପକାଇ ଆତଙ୍କିତ ହୋଇପଡନ୍ତି। ସେହି ସ୍ଥାନର ନାଁ ହେଲା ବାଉରିଆକଣ ନଦୀବନ୍ଧ। କିନ୍ତୁ ପରିତାପର ବିଷୟ ଆଜକୁ ୧୧ ମାସ ଧରି ହେବ ଏହି ନଦୀବନ୍ଧର ଆରଡି ୭୮ କିମି ୫୩୦ରୁ ଆରଡି ୭୮ କିମି ୯୮୦ ମଧ୍ୟରେ ନଦୀବନ୍ଧ ମଝିରୁ ଫାଟି ନଦୀପଟକୁ ୪ ଫୁଟ ଗଭୀରରୁ ଅଧିକ ଦବି ଯାଇଥିବା ବେଳେ ମରାମତି ଦିଗରେ କାକଟପୁର ଜଳସେଚନ ବିଭାଗ ତତ୍ପରତା ପ୍ରକାଶ କରିନି। ଖରାଦିନ ଯାଇ ବର୍ଷା ଦିନ ଆସିଲା ତଥାପି ଅସଜଡ଼ା ନଦୀକୁ ମରାମତି କରିବାକୁ ଜଳସେଚନ ବିଭାଗର ନିଦ ଭାଙ୍ଗିଲାନି। ବନ୍ଧର ଅବସ୍ଥା ଦେଖି ନଦୀ କୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜୁନ ମାସ ୧୫ ପରେ ଆଉ ମାଟି କାମ ହୋଇ ପାରିବ ନାହିଁ ବୋଲି ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ ଜୁନ ମାସ ଶେଷ ହୋଇ ଜୁଲାଇ ମାସ ଆରମ୍ଭ ହେବାକୁ ବସିଲା କିନ୍ତୁ ଜଳସେଚନ ବିଭାଗ ନଦୀବନ୍ଧରେ ଏଯାବତ କାର୍ଯ୍ୟ ଆରମ୍ଭ କଲାନାହିଁ। ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ଉତ୍ତର ମିଳୁଛି ଟେଣ୍ଡରକୁ ଯାଇଛି। ବାଉରିଆକଣ ଗ୍ରାମର କେତେକ ବୟୋଜ୍ୟେଷ୍ଠ ଗ୍ରାମବାସୀ କୁହନ୍ତି ତାଙ୍କ ପିଲା ଦିନୁ ଦେଖି ଆସୁଛନ୍ତି କାକଟପୁର ଜଳସେଚନ ବିଭାଗ ପ୍ରତ୍ୟକ ବର୍ଷ ଏଠାରେ ନଦୀବନ୍ଧର ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଆସୁଛି। କିନ୍ତୁ ଏଯାବତ ନଦୀବନ୍ଧର ସ୍ଥାୟୀ ସୁରକ୍ଷା ହୋଇ ପାରିଲା ନାହିଁ। ବିଶେଷ କରି ଦେବୀ ନଦୀରେ ବନ୍ୟା ଜଳ ପ୍ରବାହିତ ହେବା ମାତ୍ରକେ କାକଟପୁର ଜଳସେଚନ ବିଭାଗ ଏଠାରେ ବନ୍ୟା ମୁକାବିଲା ପାଇଁ ତତ୍ପର ହୋଇଉଠେ। ନଦୀବନ୍ଧରେ ଲାଇଟ ଲାଗେ, ବନ୍ଧ ଜଗିବାକୁ କର୍ମଚାରୀ ନିୟୋଜିତ ହୁଅନ୍ତି ଆଉ ବିଭାଗୀୟ ଅଧିକାରୀମାନେ ଘନ ଘନ ଗସ୍ତ କରନ୍ତି। ବିଗତ ୩ ବର୍ଷ ମଧ୍ୟରେ ଦେବୀ ନଦୀରେ ବଡ଼ ଧରଣର ବନ୍ୟା ହୋଇ ନଥିଲେ ମଧ୍ୟ ବିଭାଗ ଅଧକୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଲ କରିଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଦେବୀ ନଦୀର ଦକ୍ଷିଣପାର୍ଶ୍ୱ ନଦୀ ବନ୍ଧ ବନାଖଣ୍ଡି ଠାରୁ ଅସନ ପର୍ଯ୍ୟନ୍ତ ଯାଇଥିବା ନଦୀବନ୍ଧ ଓ ନଦୀ ତଟକ୍ଷୟରୁ ରକ୍ଷା କରିବାକୁ ବିଭାଗ ପକ୍ଷରୁ ନଦୀ ଗର୍ଭରେ କୋଟି କୋଟି ଟଙ୍କାର ପଥର ପ୍ୟାକିଂ, ସ୍ପର କାର୍ଯ୍ୟ ସହିତ ନଦୀବନ୍ଧରେ ମାଟି, ମୋରମ, ମେଣ୍ଟାଲିଂ କାର୍ଯ୍ୟ ଚାଲୁଥିଲେ ମଧ୍ୟ ବିଭାଗୀୟ ସେକ୍ସନ କାକଟପୁର ଓ ବାଉରିଆକଣ ୨ ଗୋଟି ସେକ୍ସନର ଯନ୍ତ୍ରୀ ପଦବୀ ଆଜକୁ ୨ ବର୍ଷ ଧରି ଖାଲି ପଡ଼ିଛି। ସବଡ଼ିଭିଜନର ପାଣିଛତ୍ର ସେକ୍ସନ ଯନ୍ତ୍ରୀଙ୍କୁ ଏହି ୨ଟି ସେକ୍ସନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଯନ୍ତ୍ରୀଙ୍କ ବିନା ଉପସ୍ଥିତିରେ ଠିକାଦାର ମର୍ଜିରେ କାର୍ଯ୍ୟ ଚାଲିଛି ବୋଲି ନଦୀ କୂଳିଆ ଜନସାଧାରଣ ଅଭିଯୋଗ କରୁଛନ୍ତି। ସୂଚନା ଯୋଗ୍ୟକି ୧୯୯୯ ମସିହାରେ କାକଟପୁର ଜଳସେଚନ ବିଭାଗ ମାଡ୍ରାସର ଆଇଆଇଟି ଅଧୀନରେ ଥିବା ଓସେନ ଇଞ୍ଜିନିୟରିଂ ସଂସ୍ଥା ଦ୍ୱାରା ସର୍ଭେ କରିବା ପରେ ବାଉରିଆକଣ ଠାରେ ଅବକ୍ଷୟମୁଖି ନଦୀବନ୍ଧକୁ ସ୍ଥାୟୀ ସୁରକ୍ଷା ଦେବାକୁ ହେଲେ ନଦୀବନ୍ଧର ଆରଡି ୭୬ କିମି ୫୭୦ରୁ ଆରଡି ୭୯ କିମି ୯୪୪ ମଧ୍ୟରେ ଏକ କାଳୀନ ୧୬ ଟି ହାଇଲେବୁଲ ସ୍ପର ନିର୍ମାଣ ସହିତ ନଦୀ ଶଯ୍ୟା ଖନନ, ନଦୀ ବନ୍ଧ କଡରେ ଥିବା କେବିସି କେନାଲ ବାଉରିଆକଣ ଠାରୁ ତାଳଦା ନଦୀ ଘାଟ ପର୍ଯ୍ୟନ୍ତ କଂକ୍ରିଟ ଲାଇନିଂ କରିବା ଅତ୍ୟନ୍ତ ଜରୁରୀ ବୋଲି ପ୍ରସ୍ତାବ ଦେବା ପରେ ଉକ୍ତ ସଂସ୍ଥାର ପ୍ରସ୍ତାବ ଅନୁଯାଇ କାକଟପୁର ଜଳସେଚନ ବିଭାଗ ନଦୀ ଶଯ୍ୟା ଖନନ କାର୍ଯ୍ୟକୁ ଛାଡି ଆଉ ସମସ୍ତ କାର୍ଯ୍ୟ ବାଉରିଆକଣ ନଦୀ ବନ୍ଧରେ କରିଥିଲେ ସୁଦ୍ଧା ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଠାରେ ସବୁ ଯୋଜନା ଫେଲ ମାରୁଛି ବୋଲି ଦେବୀ ନଦୀ ତଟବର୍ତ୍ତୀ ଗ୍ରାମର ଗ୍ରାମବାସୀ ଅଭିଯୋଗ କରନ୍ତି। ବନ୍ୟା ଆସିବା ପୂର୍ବରୁ ନଦୀବନ୍ଧକୁ ଶୀଘ୍ର ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ● ବସ୍ ଧକ୍କାରେ ଜଣେ ମୃତ, ଜଣେ ଆହତ

## ମରଣଯନ୍ତା ପାଲଟିଛି ହମ୍ପସ୍

କୋଣାର୍କ, ୨୯ ।୬(ସମିସ): ଶୁକ୍ରବାର ବରଯାତ୍ରୀ ଭୋଜି ଖାଇ ଫେରୁଥିବା ସମୟରେ କୋଣାର୍କରେ ଦୁର୍ଘଟଣା ହେବାରୁ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। କାକଟପୁର ଥାନା ଅନ୍ତର୍ଗତ ଶିଶୁଅ ସାହୁପଡ଼ା ଗ୍ରାମର ରଞ୍ଜିତ ପାଟୋଇଙ୍କ(୩୪) ମୃତ୍ୟୁ ହୋଇଛି। କାକଟପୁର ଥାନା ଅନ୍ତର୍ଗତ ଶିଶୁଅ ପଞ୍ଚାୟତର ସାହୁପଡ଼ା ଗ୍ରାମରୁ ଏକ ବରଯାତ୍ରୀ ଦଳ କୋଣାର୍କ ନିକଟସ୍ଥ ସାରଡା ଗ୍ରାମକୁ ଆସିଥିଲେ। ବିବାହ ଭୋଜି ଖାଇ ବରଯାତ୍ରୀ ଦଳ ଷୋଳପୁଅ ମା' ବସରେ ଫେରୁଥିଲେ। ଏହି ସମୟରେ ରଞ୍ଜିତ, ଦୀପକ ବାଇକ୍‌ରେ ଆଗପଛ ହୋଇ ଫେରୁଥିଲେ। ରାତି ପ୍ରାୟ ୨ଟା ସମୟରେ କୋଣାର୍କ କଲେଜ ଛକ ହମ୍ପସ୍‌ରେ ବସଟି ବାଇକ୍‌କୁ ଧକ୍କା ଦେବାରୁ ଦୁଇ ଜଣ ଛିଟିକି ପଡ଼ିଥିଲେ। ଆହତମାନଙ୍କୁ ଆମ୍ବୁଲାନ୍ସରେ ପ୍ରଥମେ ଗୋପ ଓ ପରେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଖବରପାଇ କୋଣାର୍କ ପୁଲିସ ପହଞ୍ଚି ବସ୍ ଓ ବାଇକ୍ ଜବତ କରିଛି। ସୂଚନାଯୋଗ୍ୟ, କୋଣାର୍କ କଲେଜ ଛକ ନିକଟରେ ବେଆଇନ ହମ୍ପସରେ ପଡ଼ି ପୂର୍ବରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏ ସମ୍ପର୍କରେ ୨୨୧/୨୪ରେ ମାମଲା ରୁଜୁ କରାଯାଇ ବସ୍ ଚାଳକଙ୍କୁ କୋଣାର୍କ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ଟଙ୍କା ଦେଣନେଣକୁ ନେଇ ଆକ୍ରମଣ



ଅସ୍ତରଙ୍ଗ, ୨୯ ।୬(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଓଲରା ଗ୍ରାମର ପ୍ରକାଶ କାଣ୍ଡି କାମ ସାରି ଶୁକ୍ରବାର ରାତ୍ର ୯ ଘଟିକା ସମୟରେ ଘରକୁ ଫେରୁଥିବା ବେଳେ ଉକ୍ତ ଗ୍ରାମର କୁନା ପ୍ରଧାନ ତାଙ୍କୁ ଅଟକାଇ ନିଜ ସାହି ଆଡକୁ ନେଇ ପୂର୍ବରୁ ଦେଇଥିବା ଅର୍ଥ ମାଗିଥିଲେ। ପ୍ରକାଶ ଏଇ ମାସ ୩୦ ତାରିଖରେ ଆପଣଙ୍କ ଟଙ୍କା ମୁଁ ଫେରାଇ ଦେବି ବୋଲି କହିଥିଲା। କିନ୍ତୁ କୁନା ପ୍ରଧାନ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ ମାରିଥିଲେ। ଏହି ସମୟରେ ଅନ୍ୟ କିଛି ବ୍ୟକ୍ତି ଆସି ପ୍ରକାଶଙ୍କୁ ବାଉଁଶ ଠେଙ୍ଗାରେ ଆକ୍ରମଣ କରିଥିଲେ। ଯେଉଁଥିରେ ପ୍ରକାଶଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ନିକଟରେ ଭୋଜିରୁ ଫେରୁଥିବା କିଛି ବ୍ୟକ୍ତି ପ୍ରକାଶ ଙ୍କୁ ଉଦ୍ଧାର କରିବା ସହ ୧୦୮ ଆମ୍ବୁଲାନ୍ସରେ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚାରିଛକ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ସେଠି ପ୍ରକାଶ ଙ୍କ ଚିକିତ୍ସା ଚାଲିଥିବା ବେଳେ ପ୍ରକାଶଙ୍କ ବାପା ଗନ୍ଧର୍ବ କାଣ୍ଡି ୬ ଜଣ ସମ୍ପଦ ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ମୁନା ପ୍ରଧାନ, ଚିନ୍ମୟ ପ୍ରଧାନ, ନାଲୁ ପ୍ରଧାନ, ସର୍ବେଶ୍ୱର ବିଶ୍ୱାଳଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ପୁଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି ବୋଲି ଥାନା ଅଧିକାରୀ ରାଜେଶ ବଳିୟାର ସିଂ ମତାମତ ଦେଇଛନ୍ତି।

## ପୂର୍ବତନ ପ୍ରଧାନଶିକ୍ଷକଙ୍କ ବିୟୋଗ

ଚାରିଛକ, ୨୯।୬(ସମିସ): ଚାରିଛକ ନିକଟସ୍ଥ ଭୋଦର ନୋଡାଲ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ବାରିକ (୮୮)ଙ୍କ ଗୁରୁବାର ହୃଦ୍‌ଘାତରେ ବିୟୋଗ ଘଟିଛି। ତାଙ୍କ ବିୟୋଗ ଖବର ପାଇ ଚାରିଛକ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଚନ୍ଦ୍ରକାନ୍ତ ଦଳାଇ, କୃଷକନେତା ସନାତନ ପାତ୍ର, ରମା ରମଣ ଦେବପାତ୍ର, ଶତ୍ରୁଘ୍ନ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଭୋଦର ସ୍କୁଲକୁ ନେବାପରେ ସେଠାରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ବଡପୁଅ ମୁଖାଗ୍ନି ଦେଇଥିଲେ।

## ସରପଞ୍ଚ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ବେଗୁନିଆ, ୨୯ ।୬(ସମିସ): ବେଗୁନିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବେଗୁନିଆ ସରପଞ୍ଚ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ବିଡ଼ିଓ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳକଣ୍ଠ ମାନସିଂହ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁସ୍ମିତା ମିଶ୍ର ଓ ଜଳଯୋଗାଣ ଯନ୍ତ୍ରୀ ସରିତା ଦାଶଙ୍କ ସମେତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତତ ସହିତ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ପଞ୍ଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ସରପଞ୍ଚ ଲାବଣ୍ୟ ଜୟସିଂହ, ଲତା ସେଠୀ, କରୁଣାକର ଦଳସିଂହରାୟ, ଆରତ ମାଝୀ, ଅକ୍ଷୟ କୁମାର ରାଉତରାୟ ଓ ପ୍ରମୋଦ କୁମାର ଦଳେଇଙ୍କ ସମେତ ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ।

### ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ

## ବୌଦ୍ଧପୀଠ ଉନ୍ନତିକରଣ କାର୍ଯ୍ୟ ତଦାରଖ କଲେ ବିଧାୟକ



ଡେଲାଙ୍ଗ, ୨୯।୬(ସମିସ): ଡେଲାଙ୍ଗ-ବ୍ରହ୍ମଗିରୀ ରାସ୍ତାର ଶ୍ରୀପୁରୁଷୋତ୍ତମପୁର ଛକ ଠାରୁ ପଟ୍ଟନାଇକିଆ-ଖୋର୍ଦ୍ଧା ରାସ୍ତାର ପୋଷଲ ଛକ ପର୍ଯ୍ୟନ୍ତ ୮କି.ମି ରାସ୍ତା ନିର୍ମାଣ ଲାଗି ବିଧାୟକ ଆଶ୍ରିତ ପଟ୍ଟନାୟକ ଶୁକ୍ରବାର ଶିଳାନ୍ୟାସ କରିଛନ୍ତି। ରାସ୍ତା ଓ କୋଠାବାଡି ବିଭାଗ ଭୁବନେଶ୍ୱର-୨ ଅନ୍ତର୍ଭୁକ୍ତ ଏହି କାର୍ଯ୍ୟ ୬କି.ମି ପର୍ଯ୍ୟନ୍ତ ପିଚୁ ହେବାକୁ ଥିବା ବେଳେ ଗାଁ ଗୁଡିକ ଭିତରେ ୨କି.ମି କଙ୍କ୍ରିଟ କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ବିଭାଗ ପକ୍ଷରୁ ଅନୁମୋଦିତ ୧୫ କୋଟି ଟଙ୍କା ବ୍ୟୟବରାଦରେ କାର୍ଯ୍ୟ ସମାପ୍ତ ହେଲେ ଶ୍ରୀପୁରୁଷୋତ୍ତମପୁର, ଜେନାପୁର, ବିଦୁରପୁର, ହାକପଡ଼ା, ସାଦପଡ଼ା, କୁଞ୍ଜର, ଗୁଆଳିପଡ଼ା, ପୋଷଲ, ମାଛପଡ଼ା ପ୍ରଭୃତି ଗ୍ରାମର ଲୋକେ ଜେନାପୁର ରେଳ ଷ୍ଟେସନ ଓ ଇନ୍ଦିପୁର ବଜାରକୁ ଯାତାୟତ କରିବାରେ ଉପକୃତ ହେବେ। ଏହି ଅଣଓସାରିଆ ରାସ୍ତାକୁ ଚଉଡା କରାଯିବା ସହିତ ରାସ୍ତାକୁ ମଡାଇ ଅସ୍ଥାୟୀ ଭାବେ ବିଭିନ୍ନ ଦୋକାନ ଓ ବାରଣ୍ଡା କରିଥିବା ଜନସାଧାରଣଙ୍କୁ ବୁଝାସୁଝା କରି ସମନ୍ୱୟରେ ରାସ୍ତା ନିର୍ମାଣ କରିବାକୁ ବିଧାୟକ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହି ନିର୍ମାଣ କାର୍ଯ୍ୟକୁ ସଠିକ୍ ଭାବେ କରିବା ପାଇଁ କେଭିଏମ୍ କନ୍ଷ୍ଟ୍ରକସନର ଠିକାଦାର ଟିକା ପଢ଼ିଆରି ଓ କନିଷ୍ଠଯନ୍ତ୍ରୀ ସିଦ୍ଧେଶ୍ୱର ବେହେରାଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ମାର୍ଥା, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ମନୋଜ କୁମାର ବିଶୋଇ, ମଣ୍ଡଳ ସଭାପତି ସୁଁଧାଂଶୁଶେଖର ପରିଡ଼ା, ଲକି ମିଶ୍ର, ମହିଳା ସଭାନେତ୍ରୀ ସନ୍ଧ୍ୟାବତୀ ପ୍ରଧାନ, ଜଗନ୍ନାଥ ବାରିକ୍, ପ୍ରତାପ ମହାପାତ୍ର, ପ୍ରେମରଞ୍ଜନ ସ୍ୱାଇଁ, ଆଲୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅରାଗଡ଼ ପାହାଡସ୍ଥିତ ବୌଦ୍ଧପୀଠ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ମଧ ବିଧାୟକ ତଦାରଖ କରିଥିଲେ। ୭୦ ଲକ୍ଷ ୬୩ ହଜାର ୨୬୪ ଟଙ୍କା ବ୍ୟୟବରାଦରେ ନିର୍ମାଣାଧିନ ଏହି କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକେ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ବିଧାୟକ ଶ୍ରୀ ପଟ୍ଟନାୟକ ନିର୍ମାଣ କାର୍ଯ୍ୟର ତଦାରଖ କରିବା ସହିତ ସୂଚନା ଫଳକ ଓ ସମ୍ପୂର୍ଣ୍ଣ କାର୍ଯ୍ୟର ରେଖାଚିତ୍ର ଲଗାଇବାକୁ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ ସନ୍ନିକଟ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଗୋଡିପୁଟ ମାଟିଆପଡ଼ାକୁ ମଧ ବିଧାୟକ ପରିଦର୍ଶନରେ ଯାଇଥିବା ବେଳେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହମୟୀ ସ୍ୱାଇଁ ଅବଗତ କରାଇଥିଲେ। ପାନୀୟ ଜଳ, ବିଦ୍ୟାଳୟ ପ୍ରାଚୀର, ମୁଖ୍ୟ ଫାଟକ ସମେତ ଖେଳପଡ଼ିଆ ଆଦିର ସମସ୍ୟା ଯଥାଶିଘ୍ର ସମାଧାନ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

### ରାସ୍ତା ଉପରେ ଜମି ରହୁଛି ବର୍ଷାଜଳ

## ପଦକ୍ଷେପ ନିଆନଗଲେ ଆନ୍ଦୋଳନ

ଗୋପ, ୨୯ ।୬(ସମିସ): ସାମାନ୍ୟ ବର୍ଷାରେ ରାସ୍ତ ଉପରେ ଜମି ରହୁଛି ବର୍ଷାଜଳ। ନାଗପୁର-ନୟାହାଟ ରାସ୍ତାର ଭଇରିପୁର ସ୍କୁଲସ୍ଥିତ ସେତୁ ସଂଲଗ୍ନ ରାସ୍ତାରେ ବର୍ଷାଜଳ ଜମି ରହୁଥିବା ବେଳେ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ନାଗପୁରକୁ ଯାତାୟତରେ ବାଧା ଉପୁଜିଛି। ବେଦପୁର ଗ୍ରାମ ଆରମ୍ଭରୁ ବର୍ଷାଜଳ ଜମି ରହୁଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ରଅସନ୍ତୋଷ ଦେଖାଦେଇଛି। ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଲାଗି ରହିଥିଲେ ମଧ ଏହାକୁ ସମାଧାନ ଦିଗରେ ପୂର୍ତ୍ତ ବିଭାଗ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଆସୁଛି। ବର୍ଷା ହେବା ମାତ୍ରେ ବର୍ଷାଜଳ ନିଷ୍କାସନ ନହୋଇ ରାସ୍ତା ଉପରେ ଜମି ରହିବା ଯୋଗୁଁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବା ବେଳେ ନିକଟସ୍ଥ ଭଇରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀମାନେ ପାଣିଭିତରେ ପଶି ଆସୁଥିବା ଯୋଗୁଁ ବିଭିନ୍ନ ସମୟରେ ଚର୍ମ ରୋଗ ବ୍ୟାପୁଥିବା ମଧ ଦେଖିବାକୁ ମିଳିଛି। ବର୍ଷାଜଳ ନିଷ୍କାସନ ଲାଗି ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆନଯିବାରୁ ନିର୍ବାଚନ ପୂର୍ବରୁ ନିମାପଡ଼ାର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶଙ୍କ ସମସ୍ୟା ବିଷୟରେ କୁହାଯାଇଥିଲା। ଘଟଣାକୁ ଗୁରୁତର ସହ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ତୁରନ୍ତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି ରାସ୍ତା ମରାମତି ସମେତ ବର୍ଷାଜଳ ନିଷ୍କାସନ ଲାଗି ବିଭାଗ ପକ୍ଷରୁ ପଦକ୍ଷେପ ନନିଆଯାଉଥିବା ଯୋଗୁଁ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ମରାମତି ସମେତ ବର୍ଷାଜଳ ନିଷ୍କାସନ ଲାଗି ପଦକ୍ଷେପ ନିଆନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତିଙ୍କୁ ପଚାରିବାରୁ ଏ ନେଇ ମୋ ନିକଟରେ ଖବର ଅଛି। ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।



### ● ପ୍ରାକୃତିକି ବିପର୍ଯ୍ୟୟ ମୁକାବିଲା ପରିଚାଳନା ବୈଠକ

## 'ଯନ୍ତ୍ରୀ ସରକାରୀ ବାସଭବନକୁ ନିଜସ୍ୱ ଗୃହ ଭାବି କାର୍ଯ୍ୟ କରୁନ୍ତୁ'



କଣାସ, ୨୯ ।୬(ସମିସ): କଣାସ ପଞ୍ଚାୟତ ସମିତି ସଭା ଗୃହରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହି, ଅତରିକ୍ତ ବିଡିଓ ମଙ୍ଗଳ ସିଂହ ହେମ୍ବ୍ରମ, କଣାସ ଆଇଆଇସି ରାକେଶ କୁମାର ତ୍ରିପାଠୀ, ଡାକ୍ତର ରମେଶ ଚନ୍ଦ୍ର ବେହେରା, ଉପାଧକ୍ଷ ଅଭିମନ୍ୟୁ ଜୟସିଂହ, ଜିଲ୍ଲା ଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। କଣାସ ବ୍ଲକର ୨୮ ପଞ୍ଚାୟତର ଅନେକ ସରପଞ୍ଚ ଓ ସମିତିସଭ୍ୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। କଣାସ ବ୍ଲକ ବନ୍ୟା ଅଞ୍ଚଳ ହୋଇଥିବାରୁ ପ୍ରାକୃତିକ ବିର୍ପଯ୍ୟୟ ମୁକାବିଲା ପାଇଁ କେଉଁ ବିଭାଗ କେତେ ତତ୍ପରତା ଅଛି ବିଧାୟକ ଶ୍ରୀମିଶ୍ର ପଚାରିବୁଝିଥିଲେ। ପ୍ରତ୍ୟେକ ପିଇଓ ନିଜ ନିଜ ପଞ୍ଚାୟତରେ ସାଢେ ଦଶଟାରେ ପହଁଞ୍ଚି ୫ଟାରେ ଫେରିବେ ସାଧାରଣଲୋକଙ୍କ ସମସ୍ୟା ବୁଝିବେ ବୋଲି ପିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ କନିଷ୍ଠ ଯନ୍ତ୍ରୀ ସରକାରୀ ବାସଭବନକୁ ନିଜସ୍ୱ ଗୃହ ଭାବି କାର୍ଯ୍ୟ କରୁନ୍ତୁ ବୋଲି ବିଧାୟକ ପରାମର୍ଶ ଦେଇଥିଲେ। ବିଦ୍ୟୁତ ବିଭାଗ ବିଦ୍ୟୁତ୍ କାଟ୍ ସମ୍ପର୍କରେ ଜ୍ଞାତସାରକୁ ଦିଅନ୍ତୁ ବୋଲି ବିଧାୟକ କନିଷ୍ଠ ଯନ୍ତ୍ରୀକୁ କହିଥିଲେ। ବନ୍ୟା ଓ ବାତ୍ୟା ପୂର୍ବରୁ ସବୁ ବିଭାଗ ସଜାଗ ହୋଇ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକର ୨୪ ଟି ବାତ୍ୟାଆଶ୍ରୟସ୍ଥଳୀରେ ସବୁ ସରଞ୍ଜାମ ଠିକ ଅଛି କି ନାହି ତାହାର ତଦନ୍ତ କରି ରିର୍ପୋଟ ଦେବା ପାଇଁ କହିଥିଲେ। କଣାସ ସ୍ୱାସ୍ଥ୍ୟ ଓ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ କେତେ ଜଣ ଡାକ୍ତର ଅଛନ୍ତି। ଆଉକେତେ ଜଣ ଡାକ୍ତର ଦରକାର ସମୀକ୍ଷା ବୈଠକରେ ଆଲୋଚନା କରିଥିଲେ।

### ନିଷ୍କାସନ ବ୍ୟବସ୍ଥା ନାହିଁ

## ଓଡିଆ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଆଣ୍ଠୁଏ ପାଣି



ସାକ୍ଷୀଗୋପାଳ, ୨୯।୬ (ସମିସ): ସତ୍ୟବାଦୀରେ ଗଢ଼ି ଉଠିଥିବା ଓଡିଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ଆଗରେ ୪ ଫୁଟ ଉଚ୍ଚତାର ବର୍ଷା ଜଳ ଲହଡି ଭାଙ୍ଗୁଛି। ସୂଚନାଯୋଗ୍ୟ ଯେ ସାକ୍ଷୀଗୋପାଳ-ଅଳଗୁମ- ଶୁକଳ ରାସ୍ତା ସାକ୍ଷୀଗୋ।ପାଳ ମନ୍ଦିର ଦେଇ ଯାଇଛି। ଏହି ରାସ୍ତା କଡରେ ତଥା ସାକ୍ଷୀଗୋପାଳ ମନ୍ଦିର ପଛପାର୍ଶ୍ୱରେ ଓଡିଆ ବିଶ୍ୱବିଦ୍ୟାଳୟର କୋଠାଘର ନିର୍ମାଣ କରାଯାଇଛି। ଏହା ଆଗରୁ ଏହି ରାସ୍ତା ରହିଛି। ମନ୍ଦିର ଠାରୁ ବର୍ଷା ପାଣି ଓ ସତ୍ୟବାଦୀ ହାଇସ୍କୁଲ ପାଣି, ହାଇସ୍କୁଲ ପଛପଟ ରାସ୍ତା ଓ ସିଦ୍ଧବକୁଳରାମଙ୍କ ଠାରୁ ବକୁଳବନ ପର୍ଯ୍ୟନ୍ତ ରାସ୍ତାର ପାଣି ଏହି ରାସ୍ତା ଦେଇ ହାଇସ୍କୁଲ ଖେଳ ପଡ଼ିଆ ଦେଇ ନିଷ୍କାସନ ହେଉଥିଲା। ମାତ୍ର ଓଡିଆ ବିଶ୍ୱବିଦ୍ୟାଳୟ ପାଣି ନିଷ୍କାସନ ହେଉଥିବା ଜମି ମନ୍ଦିର ଠାରୁ କିଣିନେଲା। ସେ ସମୟରେ ସ୍ଥାନୀୟ ଲୋକମାନେ ପାଣି ନିଷ୍କାସନ ପାଇଁ ଆନ୍ଦୋଳନ କରିଥିଲେ। ମାତ୍ର ବିଶ୍ୱିଦ୍ୟାଳୟ କାମ କରୁଥିବା ଓବିସିସି କମ୍ପାନୀ ସ୍ଥାନୀୟ ଲୋକମାନଙ୍କ ସହିତ ପ୍ରଶାସନକୁ ପାଣି ଯେଉଁପରି ନିଷ୍କାସନ ହେଉଥିଲା ଠିକ ସେହିପରି କରାଯିବ ବୋଲି କହିଥିଲା। ମାତ୍ର ଓଡିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ସରି ଉଦ୍‌ଘାଟନ ସରିଗଲା। ଏବେ ପାଣି ନିଷ୍କାସନ ବଡ ସମସ୍ୟା ହୋଇ ଠିଆ ହୋଇଛି। ଯାହାକି ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ଆଗରେ ବର୍ଷା ପାଣି ଗାଡି ମଟର ଗଲେ ସମୁଦ୍ର ପରି ଲହଡି ମାରୁଛି। ଏହି ରାସ୍ତାଟି ପିଡ୍ଡ୍ୟୁଡି ବିଭାଗ ଅଧିନରେ ରହିଛି। ବିଭାଗ ପକ୍ଷରୁ ଉକ୍ତ ରାସ୍ତାରେ ପାଣି ନିଷ୍କାସନପାଇଁ ଖସଡା ପ୍ରସ୍ତୁତ କରାଯାଇଥିଲା। ସବୁ ପଟୁ ପାଣି ଏଠାକୁ ଆସିଲେ ମଧ୍ୟ ପାଣି ନିଷ୍କାସନ ହୋଇପାରୁଥିଲା। ମାତ୍ର ଓବିସିସିର ଜେଇ ମାନେ ସେମାନଙ୍କ ମନଇଛା ପାଣି ନିଷ୍କାସନର ବାଟ କରିଛନ୍ତି। ଯାହାକି ବିଶ୍ୱବିଦ୍ୟାଳୟର ବର୍ଷା ଜଳ ଓ ଅନ୍ୟ ଜଳ ଗୁଡିକ ନିଷ୍କାସନ ହୋଇ ପାରିବ। ମାତ୍ର ରାସ୍ତା ଉପରେ ଠିଆ ହେଉଥିବା ପାଣି ନିଷ୍କାସନ ହୋଇ ପାରୁନାହିଁ। ଏସମ୍ପର୍କରେ ପିଡ୍ଡ୍ୟୁଡି ବିଭାଗର ଜେଇ ମାନସ ରଞ୍ଜନ ମଲିକଙ୍କୁ ପଚାରିବାରୁ ବିଶ୍ୱବିଦ୍ୟାଳୟ ଘର କାମ ସମୟରେ ଏଠାରେ ଥିବା ଜେଇ ଏ ସମ୍ପର୍କରେ ଓବିସିସି ବିଭାଗର ଜେଇଙ୍କ ସହିତ ଆଲୋଚନା ଅନେକ ଥର କରିଛନ୍ତି। ମାତ୍ର ଆମ ପକ୍ଷରୁ ଦିଆଯାଇଥିବା ଡ୍ରେନର ନକ୍ସାକୁ ସେମାନେ ଗ୍ରହଣ ନକରି ତାଙ୍କ ମନ ଇଛା ଡ୍ରେନ୍ କରିନେଲେ ଯାହାଫଳରେ ଆଜି ସମସ୍ୟା ଦେଖାଯାଇଛି। ଏସମସ୍ୟା ସମ୍ପକରେ ମୁଁ ଅବଗତ ହେବା ସହ ଅଧିକାରୀମାନେ ମଧ୍ୟ ଜାଣିଛନ୍ତି। ପାଣି ନିଷ୍କାସନର ସମସ୍ୟା ରହିବ ନାହିଁ। ଉଚ୍ଚ ପଦସ୍ଥ ଅଧିକାରୀମାନେ ଅର୍ଥ ମଞ୍ଜୁର କଲେ ବହୁ ଶିଘ୍ର ସେଠାରେ ଜଳ ନିଷ୍କାସନର ସୁବନ୍ଦୋବସ୍ତ କରାଯିବ ବୋଲି ଶ୍ରୀ ମଲିକ କହିଛନ୍ତି। ଏବେ କର୍ମଚାରୀମାନଙ୍କୁ ପଠାଇ ସେଠାରେ ଲାଗିଥିବା ଜରି, କାଗଜ, ବୋତଲ, ଅଳିଆ ଅବର୍ଜନା ସଫା କରାଯିବ ସହିତ ପାଣି ନିଷ୍କାସନ ପାଇଁ ମାଟି କଟାଯାଇ ବାଟ କରାଯିବ ବୋଲି ଶ୍ରୀ ମଲିକ କହିଛନ୍ତି।

ଚାଲିଛି ଅନନ୍ତପୁରୁଷୋତ୍ତମ ଦେବଙ୍କ ରଥ ନିର୍ମାଣ

# ଗୋଟିଏ ରଥରେ ଦର୍ଶନଦେବେ ପୂର୍ଣ୍ଣବିଗ୍ରହ

**ଖୋର୍ଦ୍ଧା,୨୯।୬(ସମିସ):** ଆସନ୍ତା ରବିବାର ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ଘୋଷଯାତ୍ରା। ରଥରେ ମହପ୍ରଭୁଙ୍କ ଦର୍ଶନ ଅପେକ୍ଷାରେ ଲକ୍ଷାଧିକ ଭକ୍ତ। ଘୋଷଯାତ୍ରା ଲାଗି ଖୋର୍ଦ୍ଧା ଉପକଣ୍ଠ ଜାଗୁଲେଇପାଟଣାସ୍ଥିତ ପୂର୍ଣ୍ଣ ବିଗ୍ରହ ଶ୍ରୀ ଅନନ୍ତପୁରୁଷଓମ ଘୋଷଯାତ୍ରାର ପ୍ରସ୍ତୁତି ଜାରୀ ରହିଛି। ଜାଗୁଲାଇପାଟଣାସ୍ଥିତ ପୂର୍ଣ୍ଣବିଗ୍ରହ ଅନନ୍ତପୁରୁଷୋତ୍ତମ ଦେବଙ୍କ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ସାଙ୍ଗକୁ ରଥ ଯାତ୍ରା ପ୍ରସ୍ତୁତି କାର୍ଯ୍ୟ ଜୋରସୋରରେ ଚାଲିଛି। ରଥ ବିଶ୍ୱକର୍ମା ଅର୍ଜୁନ ମହାରଣାଙ୍କ ତତ୍ୱାବଧାନରେ ଚାଲିଛି ରଥ ନିର୍ମାଣ। ନେତ୍ର ଉତ୍ସବ ପୂର୍ବରୁ ରଥ ନିର୍ମାଣ କାମ ସରିବ ବୋଲି ସେ ସୂଚନା ଦେଇଛନ୍ତି। ଶ୍ରୀ ମହାରଣା



କହିଛନ୍ତି, ରଥର ଉଚ୍ଚତା ୪୦ ଫୁଟ ଏବଂ ଚଉଡା ୨୨ଫୁଟ ରହିଛି। ୪ଟି ଚକ, ୨ଟି ଘୋଡ଼ା ସୋଟା ଯାଇଥାଏ। ବର୍ତ୍ତମାନ ସୁଦ୍ଧା ରଥର ଚକଅଖ ଯୋଗ, ମୁହାଣ୍ଡି, ନାହାକ କୁମ୍ଭ ଓ ଚାରି ପୁରଛନ୍ଦ କାମ ସାଙ୍ଗକୁ ଅଁଳା ଶ୍ରୀ , କଳସ ଉଠାଣ, ଶୁଆ ବନ୍ଧା ଓ ବେଦି ଘର କାମ ମଧ୍ୟ ସରିଥିବା ବେଳେ ଅନ୍ୟାନ୍ୟ ଛୋଟ ଛୋଟ କାମ ବାକି ରହିଛି।

ଅନ୍ୟପକ୍ଷରେ ଠାକୁର ଅଣସର ଘରେ ଥିବାବେଳେ ବନକ କାର୍ଯ୍ୟ ମଧ୍ୟ ଚାଲୁରହିଛି। ମନ୍ଦିର ପରିଚାଳନା କମିଟିର ତତ୍ୱାବଧାନରେ ରଥ କାର୍ଯ୍ୟ ଚାଲିଥିବାବେଳେ ଏବର୍ଷର ରଥ ଯାତ୍ରାକୁ ଲୋକେ ଉତ୍ସାହ ଓ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ୧୯୮୦ ମସିହା ଠାରୁ ଏଯାବତ ଗ୍ରାମବାସୀ ଓ କିଛି ଲୋକପ୍ରତିନିଧିଙ୍କ ସହାୟତାରେ ନିୟମିତ ଭାବେ ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ମଠକୁ ଇତିମଧ୍ୟରେ ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ଠାକୁରଙ୍କର ସିଂହାସନର ଉତରପାର୍ଶ୍ୱରେ ମା' ମହାଲକ୍ଷ୍ମୀ ପୂଜା ପାଉଥିବା ବେଳେ ମଧ୍ୟଭାଗରେ ରହିଛି ଯଜ୍ଞବେଦୀ। ଦକ୍ଷିଣପାର୍ଶ୍ୱରେ ମହାଦେବ ଓ ମଠ ପ୍ରତିଷ୍ଠାତାଙ୍କ ଗୁରୁଗାଦିଙ୍କ ସମାଧି ରହିଛି। ପଶ୍ଚିମ ପାଶ୍ୱର୍ରେ ରୋଷଘର ଏବଂ କାରୁଣକୁଣ୍ଡ ଅବସ୍ଥାପିତ ଥିବା ବେଳେ ପୂର୍ବରେ ଗୀତାଭବନ ଓ ଅରୁଣସ୍ତମ୍ଭ ରହିଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଓ ମନ୍ଦିରରୁ ଆୟ ଅର୍ଥରେ ଏଠାରେ ଘୋଷଯାତ୍ରା ହେଉଥିବା ଜଣାଯାଇଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ,୨୯।୬(ସମିସ):** ଟାଙ୍ଗୀ ବ୍ଲକ ମଙ୍ଗଳାଯୋଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଙ୍ଗୁରବାଳା ସୁନ୍ଦରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପଦେଷ୍ଟା ସଂଗୀତା ଦାସ ମୁଖ୍ୟ ଅତିଥି, ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ମୁଖ୍ୟବକ୍ତ ରୂପେ ଯୋଗ ଦେଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ସଂଗଠନ ସମ୍ପାଦକ ସମରେଶ ବେହେରା, ବ୍ଲକ ସମ୍ପାଦକ ସନ୍ତୋଷ କୁମାର ବେହେରା ବିଦ୍ୟାଳୟ ସଭାପତି ପ୍ରଦୀପ କୁମାର ଜେନା, ସହ ଶିକ୍ଷା ଅଧିକାରୀ ସଞ୍ଜୁଲତା ବେହେରା,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଂଜୁଶ୍ରୀ ପଟନାୟକ ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅମିତ କୁମାର ଚକ୍ରବର୍ତ୍ତୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦାୟୀ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଥିଲା। ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷିକା କୁନ୍ତଳା ସାହୁ ଓ ମାନପତ୍ର ପଠନ ତଥା ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ପ୍ରସନ୍ନ କୁମାର ମଙ୍ଗରାଜ।

## ୭ରେ ରଥାରୂଢ଼ ହେବେ ପ୍ରଭୁ ଅନନ୍ତପୁରୁଷୋତ୍ତମ ଦେବ

ଖୋର୍ଦ୍ଧା,୨୯।୬(ସମିସ): ଆସନ୍ତା ରବିବାର ଶ୍ରୀଗୁଣ୍ଡିଚାରେ ରଥାରୁଢ଼ ହେବେ ଜଗନ୍ନାଥ।ଏହି ଅବସରରେ ଖୋର୍ଦ୍ଧା ଉପକଣ୍ଠ ଜାଗୁଲାଇପାଟଣାସ୍ଥିତ ଅନନ୍ତପୁରୁଷୋତ୍ତମ ଦେବଙ୍କ ପୂର୍ଣ୍ଣ ବିଗ୍ରହଙ୍କ ରଥଯାତ୍ରା ଅନୁଷ୍ଠିତ ହେବ।ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ ଶନିବାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମନ୍ଦିର କମିଟି ସଦସ୍ୟଙ୍କ ସହ ପ୍ରଶାସନରବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ଉପଜିଲ୍ଲାପାଳ ଦିପ୍ତିରଞ୍ଜନ ସେଠୀ ଅଧକ୍ଷତା କରିଥିଲେ। ବୈଠକରେ

### ଜାଗୁଲାଇପାଟଣା ରଥଯାତ୍ରା ପ୍ରସ୍ତୁତି ବୈଠକ



ପୂର୍ବବର୍ଷର ରଥଯାତ୍ରା ରେ ସମ୍ମୁଖୀନ ହୋଇଥିବା ଅସୁବିଧାମାନଙ୍କ ବିଷୟରେ ଆଲୋଚନା କରିବାକୁ ପ୍ରସ୍ତାବ ଉପଜିଲ୍ଲାପାଳ ଦେଇଥିଲେ। ସେଠାରେ ଦେଖାଦେଉଥିବା ପାନୀୟଜଳ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ ଲାଗି ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବଳେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆରଡ୍ଲ୍ୟୁଏସ୍ଏସ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦୁଇଟି ଟ୍ୟାଙ୍କର ଯୋଗାଇ ଦେବାକୁ କୁହାଯାଇଛି। ମନ୍ଦିର ଓ ବଡଦାଣ୍ଡ ର ରାସ୍ତା ମରାମତି କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ କରିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ମାଉସୀମା ମନ୍ଦିର ଓ ମନ୍ଦିର ଚତୁଃପାଶ୍ୱର୍ ସଫା ସୁତରା କରିବା ଲାଗି ସରପଞ୍ଚଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗକୁ ଫାଷ୍ଟଏଡ ସାହାର୍ଯ୍ୟ ଏବଂ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରଥ କାରୁକାର୍ଯ୍ୟ ନିମ୍ନମାନର ହୋଇଥିବାରୁ ପୂର୍ତ୍ତ ବିଭାଗଙ୍କୁ ଟେଷ୍ଟ କରିବାକୁ ପରାମର୍ଶ ଦେଇଥିଲେ। ଆସନ୍ତାଥର କୁ ରଥ ପାଇଁ ଆବଶ୍ୟକୀୟ କାଠ ଯୋଗାଇଦେବା ନିମନ୍ତେ ବନବିଭାଗକୁ ଅନୁରୋଧ କରାଯାଇଥିଲା। ସେହିପରି ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ, ବିଜୁଳି ଯୋଗାଇ ଦେବା ଲାଗି ଟିପିସିଓଡିଏଲ କୁ ଏବଂ ଉକ୍ତଦିନ ଅଗ୍ନିଶମ ଅଧିକାରୀମାନେ ଗାଡି ସହ ସଜାଗ ରହିବାକୁ ବୈଠକରେ ଆଲୋଚନା କରାଯାଇଛି। ଏଥିସହିତ ଭିଡ ନିୟନ୍ତ୍ରଣରେ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ଯୋଗାଇଦେବାକୁ ପିଏନ କଲେଜକୁ ଅନୁରୋଧ କରାଯାଇଥିଲା। ଏଥିନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସ୍କାଉଟ୍ ଗାଇଡ୍ ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିଲା।

ବୈଠକରେ ବିଡିଓ କ୍ଷୀରାବ୍ଧି ତନୟା ସାହୁ, ତହସିଲଦାର ବିଭାସ ପାଣିଗ୍ରାହୀ, ହସ୍ପିଟାଲ ମ୍ୟାନେଜର ଡଃ. ବିନାୟକ ପାଣିଗ୍ରାହୀ, ବ୍ଲକ ଅଧକ୍ଷ୍ୟା ଶ୍ରୀମୟୀ ପ୍ରିୟଦର୍ଶିନୀ, ଆଶୁତୋଷ ମହାନ୍ତି, ସରପଂଚ ସୂର୍ଯ୍ୟପ୍ରସାଦ ମହାନ୍ତି, ମନ୍ଦିର କମିଟିର ବିରେନ୍ଦ୍ର ଛୋଟରାୟ, କାର୍ତ୍ତିକ ପ୍ରଧାନ, ମୀନକେତନ ମହାନ୍ତି, ଦିଲ୍ଲୀପ କୁମାର ପ୍ରଧାନ, ବୈକୁଣ୍ଠନାଥ ମହାପାତ୍ର, ତପନ କୁମାର ଦାସ ପ୍ରମୁଖଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଆସିଲେନି ଅଧିକାରୀ

## ରଥଯାତ୍ରା ପ୍ରସ୍ତୁତି ବୈଠକ ସ୍ଥଗିତ



**ବାଣପୁର,୨୯।୬(ସମିସ):** ବାଣପୁର ଅଞ୍ଚଳରେ ଦୁଇଟି ସ୍ଥାନ ତଥା ବଜାରସ୍ଥିତ ଶ୍ରୀରଙ୍କନାଥ ଦେବ ଓ ପାଲଟଣ ପଡିଆସ୍ଥିତ ଶ୍ରୀଚରଣ ଚକାଦେବଙ୍କ ପୀଠରେ ରଥଯାତ୍ରା ପାଳିତ ହୋଇଆସୁଛି। ଚଳିତ ବର୍ଷ ମଧ୍ୟ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମିଟୁ ନାୟକଙ୍କ ଅଧକ୍ଷତାରେ ରଥଯାତ୍ରାକୁ ସରସ ସୁନ୍ଦର ଓ ଶୃଙ୍ଖଳିତ ପରିଚାଳନା କରିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସଭା ଗୃହରେ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ଏଥିପାଇଁ ବାଣପୁର ତହସିଲଦାର, ବାଲୁଗାଁ ଏସଡିପିଓ, ବାଣପୁର ଥାନା ଅଧିକାରୀ, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗର ଏସ୍ଡିଓ, ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ, ରଥଯାତ୍ରା କମିଟିର ଅଧିକାରୀ, ଟେଲିକମ ବିଭାଗ, ବିଭିନ୍ନ ବ୍ୟବସାୟୀ ସଂଘ ଓ ସାମ୍ବାଦିକଙ୍କୁ ନେଇ ଆଲୋଚନା ପାଇଁ ପ୍ରସ୍ତୁତି ବୈଠକ ଚିଠି ମାଧ୍ୟମରେ ଡକା ଯାଇଥିଲା। ତେବେ ରଥଯାତ୍ରା କମିଟିର କର୍ମକର୍ତ୍ତା, ବିଭିନ୍ନ ବ୍ୟବସାୟୀ ସଂଗଠନର ପ୍ରତିନିଧି ଓ ସାମ୍ବାଦିକମାନେ ପହଞ୍ଚିଥିବା ବେଳେ କେବଳ ବିଜ୍ଞାପିତ ପରିଷଦର ଅଧକ୍ଷ ମିଟୁ ନାୟକ ଓ ଅଗ୍ନିଶମ ବାହିନୀର ପ୍ରତିନିଧିଙ୍କ ବ୍ୟତୀତ କୌଣସି ସରକାରୀ ପ୍ରଶାସନିକ ଅଧିକାରୀମାନେ ବୈଠକକୁ ଆସିନଥିଲେ। ସେଥିପାଇଁ ଉକ୍ତ ବୈଠକକୁ ସ୍ଥଗିତ କରାଯାଇଥିଲା ଫଳରେ ବୈଠକରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷମାନେ ବିରକ୍ତ ଭାବ ପ୍ରକାଶ କରିବା ସହ ଏହିଭଳି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ପ୍ରଶାସନର ଅଣଦେଖାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏସମ୍ପର୍କରେ ଅଧକ୍ଷ ମିଟୁ ନାୟକଙ୍କୁ ପଚାରିବାରୁ ଏନ୍ଏସି ତରଫରୁ ସମସ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଡକାଯାଇ ଥିଲା କିନ୍ତୁ କାହିଁକି ଆସିଲେ ନାହିଁ ସେ ବିଷୟରେ କିଛି କହି ପାରିବେ ନାହିଁ, ମାତ୍ର ରଥଯାତ୍ରାରେ ଯଦି କୌଣସି ଅଘଟଣ ଘଟିଲେ ପ୍ରଶାସନ ସମ୍ପୂର୍ଣ୍ଣରୂପେ ଦାୟୀ ରହିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଏସମ୍ପର୍କରେ ବାଣପୁର ତହସିଲଦାରଙ୍କୁ ପଚାରିବାରୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଯୋଗୁଁ ବୈଠକରେ ଯୋଗଦେଇ ପାରିବେ ନାହିଁ ବୋଲି ଜଣାଇ ଦେଇଥିଲେ। ବାଣପୁର ଥାନା ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କହିଛନ୍ତି ଯେ ସେମାନେ ଏସମ୍ପର୍କରେ ଅବଗତ ନାହାନ୍ତି।

## ମଦ ଓ ପୋଚ ଜବତ; ୨ ବେପାରୀ ଗିରଫ

**ବେଗୁନିଆ,୨୯।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ୨୯୬ ଲିଟର ଦେଶୀ ମଦ ଓ ୧୨ ଶହ ଲିଟର ପୋଚ ସହ ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ବିଭାଗ ଉପନିରୀକ୍ଷକ ଏନ ଜାଗିନ ରାଓଙ୍କ ସୂଚନା ମୁତାବକ ସିକୋ ଗ୍ରାମର



ସଞ୍ଜୀୟ ସାମନ୍ତରାୟଙ୍କ ଠାରୁ ୧୭ ଲିଟର ଓ ଗୋଡ଼ିକିଲୋ ଗ୍ରାମର ୧୯ ଲିଟର ଦେଶୀ ମଦ ଜବତ ସହ ଅଭିଯୁକ୍ତକୁ ଗିରଫ କରିଛି। ଅପର ପକ୍ଷରେ ବରପଦା କାଜୁ ଜଙ୍ଗଲରୁ ୨୬୦ ଲିଟର ଦେଶୀ ମଦ ସହ ୧୨ ଶହ ଲିଟର ପୋଚ ନଷ୍ଟ କରାଯାଇ ଥିବା ବେଳେ ତିନୋଟି କେସ ରୁଜୁ ହୋଇଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୨୯।୬(ସମିସ):** ଖୋର୍ଦ୍ଧା ବ୍ଲକ ଶିକ୍ଷା ପ୍ରଶାସନ ଅନ୍ତର୍ଗତ ରାୟରଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ବେହେରାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବଣିଆଟାଙ୍ଗୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ପାଇକରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କେଦାରେଶ୍ୱର ପୃଷ୍ଟି, ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଯୁଧିଷ୍ଠିର ସାହୁ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଶାନ୍ତ ନାୟକ, ପୂର୍ବତନ ସଭାପତି ଦିଲ୍ଲୀପ କାଣ୍ଡି, ପୂର୍ବତନ ଆଞ୍ଚଳିକ ସାଧନ ସଂଯୋଜକ ବାଜପୁର ମଙ୍ଗୁଳି ଚରଣ ନିଶଙ୍କ ପ୍ରମୁଖ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କର କେବେ ହେଲେ ଅବସର ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବାମଦେବ ପାଇକରାୟ, ସୁଶାନ୍ତ ହରିଚନ୍ଦନ, ଗୋପଲକ୍ଷ୍ମୀ ଛୋଟରାୟ, ମମତା ବଳିୟାରସିଂହ,ଉମାକାନ୍ତ ପୃଷ୍ଟି, ପ୍ରହ୍ଲାଦ ମହାରଣା, ଶୁଭ୍ରାଂଶୁ ଟଂଜନ ପାଲଟାସିଂହ, ପ୍ରତିଭା କହର, ସରୋଜ ସାହୁ, ଦେବାଶିଷ ପଟ୍ଟନାୟକ,ଇତିଶ୍ରୀ ନାୟକ, ମିନତି ଦଳେଇ, ଜୟନ୍ତୀ ଦଳେଇ, ଜୟଶ୍ରୀ ଦାସ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରମିତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟ ରାସ୍ତା ଉପରେ ଲମ୍ବି ରହିଛି ବିପଦସଙ୍କୁଳ ଡାଳ



**ବାଣପୁର,୨୯।୬ (ସମିସ):** ବାଣପୁର ପଲଟନ ପଡିଆ ଠାରୁ ସୁନାଖଳା ଯିବା ନିମନ୍ତେ ଗମ୍ଭାରୀମୁଣ୍ଡା ଅଞ୍ଚଳ ଦେଇ ସୁନାଖଳା ତଥା ୧୬ ନଂ ଜାତୀୟ ରାଜପଥ କୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଯାତାୟାତ କରନ୍ତି। ଗମ୍ଭାରୀମୁଣ୍ଡା ବଜାର ଏକ ଜନଗହଳି ପୂର୍ଣ୍ଣ ସ୍ଥାନ ହୋଇଥିବା ବେଳେ ସର୍ବଦା ବହୁ ସଂଖ୍ୟାରେ ଲୋକ ସରକାରୀ ଡାକ୍ତରଖାନା ଠାରୁ ଆରମ୍ଭ କରି କୋର୍ଟ, ଥାନା, ସ୍କୁଲ, କଲେଜ ଛାତ୍ରଛାତ୍ରୀ ଉକ୍ତ ରାସ୍ତା ଦେଇ ଯାତାୟାତ କରନ୍ତି। ଗମ୍ଭାରୀମୁଣ୍ଡା ବଜାର ପୁଲିସ ଫାଣ୍ଡି ପରବର୍ତ୍ତୀ ଜୟଗୁରୁ ସତସଙ୍ଗ ବିହାର ନିକଟ ରାସ୍ତା ପାଶ୍ୱର୍ରେ ଏକ ପୁରାତନ ବର ଗଛର ବଡ ଡାଳ କୋରଡ଼ ହୋଇ ରାସ୍ତା ଉପରକୁ ଲମ୍ବି ରହି ଥିବା ବେଳେ କେଉଁ ମୁହୂର୍ତ୍ତରେ ଉକ୍ତ ଡାଳ ଭାଙ୍ଗିପଡି ଏକ ସୁନିଶ୍ଚିତ ଅଘଟଣ ଘଟିବାକୁ ଏଡାଇଦିଆ ଯାଇପାରିବ ନାହିଁ। ଏହି ଗଛର ଡ଼ାଳ ଉକ୍ତ ରାସ୍ତା ଦେଇ ଯା ଆସ କରୁଥିବା ଜନସାଧାରଣ, ସ୍କୁଲ କଲେଜ ଯାଉଥିବା ଛାତ୍ର ଛାତ୍ରୀ ଓ ବିଭିନ୍ନ ଯାନ ବାହାନ ଚାଳକଙ୍କ ପାଇଁ ବିପଦ ରହିଛି। ତେବେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଉକ୍ତ ଡାଳ ସହ ଅଞ୍ଚଳର ମୁଖ୍ୟରାସ୍ତାମାନଙ୍କରେ ଲମ୍ବି ରହିଥିବା ଏଭଳି ବିପଦପୂର୍ଣ୍ଣ ଗଛ ଡାଳ ଗୁଡକୁ ତୁରନ୍ତ କାଟି ରାସ୍ତା ସଫା କରିବା ପାଇଁ ପ୍ରଶାସନ ଓ ବନ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବରିଷ୍ଠ କମ୍ୟୁନିଷ୍ଟ ନେତାଙ୍କ ପରଲୋକ

**ବେଗୁନିଆ,୨୯।୬(ସମିସ):** ବୋଲଗଡ ବ୍ଲକ ଅନ୍ତର୍ଗତ କବିତୀର୍ଥ ସାନପଦର ଗ୍ରାମର ବରିଷ୍ଠ କମ୍ୟୁନିଷ୍ଟ ନେତା ମୁରଲୀଧର ଭୋଳ ୮୧ ବର୍ଷରେ ମୃତ୍ୟୁବରଣ କରିଛନ୍ତି। ସେ କୃଷକ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରି ଚାଷୀଙ୍କ ଉନ୍ନତି ନିମିତ ଅହରହ ଉଦ୍ୟମ କରି ଆସୁଥିଲେ। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଦୀପ କୁମାର ସାହୁ ଓ ବିଶିଷ୍ଟ କମ୍ୟୁନିଷ୍ଟ ନେତା ବସନ୍ତ କୁମାର ପାଇକରାୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ବିଦାୟ ସମ୍ବର୍ଦ୍ଧନା ଉତ୍ସବ

**କୁହୁଡ଼ି,୨୯।୬(ସମିସ):** କୁହୁଡ଼ି କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ କଲ୍ୟାଣୀ ପଣ୍ଡା ସହକାରୀ ଶିକ୍ଷୟତ୍ରୀଙ୍କୁ ଶନିବାର ଅବସରକାଳୀନ ସଭାରେ ସମ୍ମାନିତ କରାଯାଇଥିଲା। ମନୋଜ କୁମାର ମାନସିଂହଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରିଚାଳନା କମିଟିର ସଭାପତି ବସନ୍ତ କୁମାର ସିଂହ, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, କେଦାରନାଥ ଦାସ, ସତ୍ୟନାରାୟଣ ବେହେରା, ପ୍ରମୋଦ ବିଶୋଇ, ଶେଷଦେବ ଦାସ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସତ୍ୟଭାମା ବେହେରା, କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁଭାଷିନୀ ଦେଇ, ସହକାରୀ ଶିକ୍ଷକ ହେମନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନା କରିଥିଲେ।

■ ନିମ୍ନମାନର ନଦୀବନ୍ଧ କାମ

## ଜଳ ସମ୍ପଦ ବିଭାଗରେ ଅଭିଯୋଗ କଲେ ଗ୍ରାମବାସୀ

**ଜଟଣୀ,୨୯।୬(ସମିସ):** ଜଟଣୀ ବ୍ଲକ ଅନ୍ତର୍ଗତ ତିରିମଲ ପଞ୍ଚାୟତ ପାଣ୍ଡିଆବିଲି ସ୍ଥିତ ରାଜୁଆ ନଦୀବନ୍ଧ ମାଟିକାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଏକଜୁଟ୍ ହୋଇ ନିମ୍ନମାନର କାର୍ଯ୍ୟକୁ ବିରୋଧ କରିଛନ୍ତି। ରାଜୁଆ ନଦୀର ବାମ ପାଶ୍ୱର୍ରେ ପାଣ୍ଡିଆବିଲିଠାରୁ ଗଡ଼ ସାନପୁଟ ପର୍ଯ୍ୟନ୍ତ ହେଉଥିବା ମାଟି ପ୍ରକଳ୍ପ କାମ ନିମ୍ନମାନର ନେଇ ଜିଲ୍ଲା ଜଳ ସମ୍ପଦ ବିଭାଗକୁ ଚିଠି ଲେଖିଛନ୍ତି ଗ୍ରାମବାସୀ। ସେମାନେ ଅଭିଯୋଗ କରିଛନ୍ତି ଯେ, ଜଳସମ୍ପଦ ବିଭାଗ ପକ୍ଷରୁ ଠିକା ସଂସ୍ଥା ଦ୍ୱାରା ପାଣ୍ଡିଆବିଲି ଠାରୁ ଗଡ଼ ସାନପୁଟ ପର୍ଯ୍ୟନ୍ତ ନଦୀବନ୍ଧ ପ୍ରକଳ୍ପ କାମ ଚାଲିଛି। ଯାହାକି ଅତି ନିମ୍ନମାନର କାମ ହେଉଛି। ନଦୀ ବନ୍ଧରେ ମଟାଳ ମାଟି ପରିବର୍ତ୍ତେ ବାଲିଆ ମାଟି ପକାଯାଉଛି। ଏଥିସହ ବନ୍ଧ କାମରେ ପାଣି ଓ ଭାଇବ୍ରେଟର ରୋଲର ଚାଲୁନାହିଁ। ସାଇଟ୍ ବେଟିଂ କଟା ନଯାଇ ବନ୍ଧ ଉପରେ ମାଟି ପକାଯାଉଛି। ନଦୀ ପାଶ୍ୱର୍ରେ ଥିବା ଅନାବନା ଗଛ ଓ ଅଳିଆ ଆବର୍ଜନା ସଫା ନ କରି ତା ଉପରେ ମାଟି ପକାଯାଉଛି। ଯାହାଦ୍ୱାରା ବନ୍ୟା ସମୟରେ ନଦୀବନ୍ଧ ଗଳି ପଡ଼ିବାର ଅଧିକ ସମ୍ଭାବନା ରହିଛି। ତେଣୁ ସଂପୂର୍ଣ୍ଣ ନିମ୍ନମାନର କାମ ହେଉଥିବା ଜାଣି ଗ୍ରାମବାସୀମାନେ ପ୍ରକଳ୍ପ କାମ କରୁଥିବା ଠିକାଦାରକୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଫଳରେ ଗ୍ରାମବାସୀମାନେ ଏକଜୁଟ୍ ହୋଇ ଜଳ ସମ୍ପଦ ବିଭାଗକୁ ଅଭିଯୋଗ କରିଛନ୍ତି। ନଦୀ ବନ୍ଧ ନିର୍ମାଣ କାର୍ଯ୍ୟରେ ସଠିକ ତଦାରଖ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ଓଭରଲୋଡ୍‌ରୁ ଲୋ-ଭୋଲ୍‌ଟେଜ୍ ଓ ବିଦ୍ୟୁତ୍ କାଟ୍

**ନିରାକାରପୁର,୨୯।୬(ସମିସ):** ଖୋର୍ଦ୍ଧା ବିଦ୍ୟୁତ୍ ବିଭାଗ ଅଧୀନସ୍ଥ ଜଂକିଆ ବିଦ୍ୟୁତ୍ ଉପଖଣ୍ଡରେ ବିଭିନ୍ନ ବିଦ୍ୟୁତ୍ ସମସ୍ୟା ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାଙ୍କ ନିଦ ହଜାଇ ଦେଇଛି। ଜଂକିଆ, ମଳିପଡା ଓ ନିରାକାରପୁର ତିନୋଟି ବିଦ୍ୟୁତ୍ ସେକ୍ସନକୁ ନେଇ ଜଂକିଆ ବିଦ୍ୟୁତ୍ ଉପଖଣ୍ଡ ହୋଇଥିବା ବେଳେ ଓଭର ଲୋଡ ଯୋଗୁ ମୁଖ୍ୟତଃ ଲୋ ଭୋଲଟେଜ ସହିତ ବିଦ୍ୟୁତ୍ କାଟ ସମସ୍ୟା ଦେଖାଦେଇଛି। ଲୋ-ଭୋଲଟେଜ ଆସୁଥିବାରୁ ଉପଭୋକ୍ତା ମାନେ ଷ୍ଟାବଲାଇଜର ଲଗାଇ ଭୋଲଟେଜ ବଢ଼ାଇବାକୁ ଚେଷ୍ଟା କରିବାରୁ ଲାଗିଥିବା ସବଷ୍ଟେସନ ଓ ବିଦ୍ୟୁତ୍ ତାର ଉପରେ ଚାପ୍ ପଡ଼ି ତାହା ବାରମ୍ବାର ମରାମତି ଆବଶ୍ୟକ କରୁଛି। ଏହି ବିଦ୍ୟୁତ୍ ଉପଖଣ୍ଡ ମଧ୍ୟରେ ୩୦ ହଜାରରୁ ବିଦ୍ୟୁତ୍ ଉପଭୋକ୍ତା ବିଦ୍ୟୁତ୍ ସଂଯୋଗ ନେଇଥିବା ବେଳେ ଅନେକ ବିଦ୍ୟୁତ୍ ସଂଯୋଗ ପାଇବା ଅପେକ୍ଷାରେ ବି ରହିଛନ୍ତି। ଏହା ମଧ୍ୟରେ ଜଂକିଆ ଓ ନିରାକାରପୁର ଅଞ୍ଚଳରେ ବିଭିନ୍ନ ପ୍ରକାରର ଛୋଟବଡ କଳକାରଖାନା ପ୍ରତିଷ୍ଠା ହୋଇଛି। ଜଂକିଆ ଉପଖଣ୍ଡ ଅଧୀନରେ ବହୁ ସଂଖ୍ୟାରେ କ୍ରସର୍ ୟୁନିଟ ରହିଛି। ତା ମଧ୍ୟରେ ୧୬ ନଂ ଜାତୀୟ ରାଜପଥ ନୂତନ ଓଭର ବ୍ରିଜ ଗୁଡ଼ିକ ଉପରେ ଲାଗିଥିବା ଶହ ଶହ ଷ୍ଟ୍ରିଟ ଲାଇଟ ଲାଗି ଏହି ଗ୍ରୀଡରୁ ବିଦ୍ୟୁତ୍ ସଂଯୋଗ ହୋଇଛି। ଫଳରେ ଅତ୍ୟଧିକ ବିଦ୍ୟୁତ୍ ଲୋଡ ସମସ୍ୟା ସୃଷ୍ଟି କରିବାର ମୁଖ୍ୟ କାରଣ ହୋଇଛି। ପ୍ରକୃତ ପକ୍ଷେ ଖୋର୍ଦ୍ଧା ମୁଖ୍ୟ ଗ୍ରୀଡକୁ ୧୩୨ କେଭି ବିଦ୍ୟୁତ୍ ଆସିବା କଥା ସେଥିରୁ ଜଂକିଆ ଉପଖଣ୍ଡ ୩୩ କେଭି ବିଦ୍ୟୁତ୍ ପାଇବା ଆବଶ୍ୟକ। କିନ୍ତୁ ଏହାର ବ୍ୟତିକ୍ରମ ଘଟୁଥିବା



ଖୋର୍ଦ୍ଧା ଗ୍ରିଡ୍‌ରୁ ୩୩ କେଭି ସପ୍ଲାଏ ହେଉନି

କଳକାରଖାନାକୁ ବିଦ୍ୟୁତ୍ ସଂଯୋଗ ବଢୁଛି

ସୂଚନା ମିଳୁଛି। ୩୩ କେଭି ସ୍ଥାନରେ ୨୭/୨୮ କେଭି ବିଦ୍ୟୁତ୍ ଆସୁଥିବା କାରଣରୁ ୧୧ କେଭିରେ ବିଦ୍ୟୁତ୍ ୮/୯ କେଭି ବିଦ୍ୟୁତ୍ ପ୍ରବାହିତ ହେଉଛି। ଯାହା ଫଳରେ ଏଲଟି ଲାଇନ ଯେଉଁଠି ୨୪୦ ଭୋଲ୍ଟ ଆସିବା କଥା ୧୬୦/୧୮୦ ଭୋଲଟ ବିଦ୍ୟୁତ୍ ଆସୁଛି। ପୁଣି ଟ୍ରାନସଫରମର ଠାରୁ ଦୂରରେ ଥିବା ଉପଭୋକ୍ତା ନିକଟରେ ବିଦ୍ୟୁତ୍ ପହଞ୍ଚିଲା ବେଳକୁ ସେ ୯୦/୧୦୦ ଭୋଲଟ୍ ବିଦ୍ୟୁତ୍ ଉପଲବ୍ଧ ହେଉଛି। ଦିନକୁ ଦିନ ଓଭର ଲୋଡ ବୃଦ୍ଧି ପାଉଥିବା ଦୃଷ୍ଟିରୁ ବିଭାଗୀୟ ଅଧିକାରୀମାନେ ବାଧ ହୋଇ ବିଭିନ୍ନ ଗ୍ରୀଡ ସହିତ ସଂଯୋଗ କରିବାର ସୁବିଧା ରଖି ଗୋଟିଏ ପଟୁ ଖରାପ ହେଲେ ନୀରିବିଛିନ୍ନ ବିଦ୍ୟୁତ୍ ପ୍ରଦାନ ପାଇଁ ଅନ୍ୟ ପଟୁ ବିଦ୍ୟୁତ୍ ସଂଯୋଗ କରିବାର ସୁବିଧା ରଖିଛନ୍ତି। ଏବେ ଓଭର ଲୋଡ କାରଣରୁ ବିଭିନ୍ନ ପଞ୍ଚାୟତକୁ ଅଲଗା ଅଲଗା ଗ୍ରୀଡରୁ ବିଦ୍ୟୁତ୍ ସଂଯୋଗ କରିଥିବାରୁ କାହାକୁ ସୁବିଧା ହେଉଛି ତ୍ କାହାକୁ ଅସୁବିଧା ହେଉଥିବା ଦେଖାଯାଇଛି। କିଛିଦିନ ତଳେ ସରପାରୀ, ଅଚ୍ୟୁତପୁର, ଟାଙ୍କୋଳ ଓ ଛଣଗିରି, ହଜ ପଞ୍ଚାୟତକୁ ଜଂକିଆ ଗ୍ରୀଡ ବଦଳରେ ଭୁଷଣ୍ଡପୁର ଗ୍ରୀଡରୁ ସଂଯୋଗ କରାଯିବାରୁ ବାରମ୍ବାର ବିଦ୍ୟୁତ୍ ସରବରାହ ବିଭ୍ରାଟ ଘଟୁଥିବା ଦର୍ଶାଇ ଜଂକିଆ ଉପଖଣ୍ଡ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିଲେ। ସେହିପରି ନିରାକାରପୁରକୁ ଚାନ୍ଦପୁର ସହିତ ସଂଯୋଗ କରିଥିବାରୁ ଭଲ ଭୋଲଟେଜ ରହୁଥିଲା। ଏବେ ୩ ଦିନ ହେବ ନୟାଗଡ ପଟେ କିଛି ଅସୁବିଧାରୁ ଚାନ୍ଦପୁର ଗ୍ରୀଡ ନୟାଗଡ ପଟକୁ ବିଦ୍ୟୁତ୍ ପ୍ରଦାନ କରୁଥିବାରୁ ନିରାକାରପୁରକୁ ପୁନର୍ବାର ଜଂକିଆ ସହିତ ସଂଯୋଗ କରିବାରୁ ଅତ୍ୟଧିକ ଲୋ-ଭୋଲଟେଜ ରହିଥିବାର ଦେଖିବାକୁ ମିଳୁଛି। ଉପଭୋକ୍ତା ସଂଖ୍ୟାକୁ ଦେଖି ଯେଉଁ ସ୍ଥାନରେ ୫୦୦ କେଭି ଟ୍ରାନ୍ସଫରମର ଲାଗିଥିବା ବେଳେ ପୂର୍ବରୁ ବିଦ୍ୟୁତ୍ ତାର ୭୦ ଏମଏମ ସ୍କୋୟାର ଲାଗିଛି। ଯାହା କି ଲୋଡ ନେବାରେ ଅକ୍ଷମ। ତେଣୁ ସେ ଗୁଡ଼ିକ ପରିବର୍ତ୍ତନ କରାଯାଇ ୯୦/୯୫ ଏମଏମ ସ୍କୋୟାର ତାର ଲଗାଇବାକୁ ଦାବି ହେଉଛି। ଅନ୍ୟପଟେ ବିଦ୍ୟୁତ ଚୋରି ରୋକିବା ଓ ମେଣ୍ଟେନାନ୍ସ ସଠିକ ହୋଇପାରୁ ନଥିବା ଲୋ ଭୋଲ୍ଟେଜର ଅନ୍ୟ ଏକ କାରଣ। ଏ ବିଷୟରେ ଜଂକିଆ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଭାଗ୍ୟବାନ ପ୍ରଧାନଙ୍କୁ ପଚାରିବାରୁ ଅତ୍ୟଧିକ ଓଭର ଲୋଡ ଯୋଗୁ ସବୁ ସମସ୍ୟା ବୃଦ୍ଧି କରିଛି। ଏହାର ସମାଧାନ ଦିଗକୁ ବିଭାଗ ଦୃଷ୍ଟି ରଖିଛି। ଗ୍ରୀଷ୍ମ ଋତୁ ପରେ କେତେକାଂଶରେ ଏହାର ସମାଧାନ ହୋଇଯିବ ବୋଲି ଆଶା କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୯୫ ● ପାଉଣ୍ଡ ୧୦୫.୭୫
- ୟୁରୋ ୮୯.୫୨ ● ୟେନ୍ ୦.୫୧

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୫,୭୪୦ (ନୂଆଦିଲ୍ଲୀ)
- ରୁପା : ୮୯,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୦୩୨.୦୦
- ନିଫ୍ଟି ୨୪,୦୧୦.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ପକ୍ଷରୁ ମନ୍‌ସୁନ୍ ସର୍ଭିସ କ୍ୟାମ୍ପେନ୍ ଆରମ୍ଭ

**ଭୁବନେଶ୍ୱର,୨୯।୬(ସମିସ):** ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆ ପକ୍ଷରୁ ଏହାର ଡିଲର ନେଟୱର୍କଗୁଡିକରେ ମନ୍‌ସୁନ ସର୍ଭିସ କ୍ୟାମ୍ପେନ୍‌ର ଶୁଭାରମ୍ଭ କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନକୁ ଦେଶବ୍ୟାପୀ ଆୟୋଜନ କରାଯିବ। ଏହା ଆଗାମୀ ମୌସୁମୀ ଋତୁ ପାଇଁ ସମ୍ପୂର୍ଣ୍ଣ କାର୍ ପ୍ରସ୍ତୁତି ସୁନିଶ୍ଚିତ କରିବ। ମନ୍‌ସୁନ ସର୍ଭିସ କ୍ୟାମ୍ପେନକୁ ପ୍ରଭାବୀ ଯାନ ପରିଚାଳନା, ସଠିକ ସମୟରେ ରକ୍ଷଣାବେକ୍ଷଣ ଏବଂ ବିଏମ୍‌ଡବ୍ଲ୍ୟୁ ଓ ମିନି କାରଗୁଡିକର ସାମଗ୍ରିକ ତଥ୍ୟ ଉପରେ ଉପଯୋଗୀ ସୂଚନା ଓ ପରାମର୍ଶ ପ୍ରଦାନ କରିବା ପାଇଁ ପରିକଳ୍ପନା କରାଯାଇଛି। ଏହି ପ୍ରୋଗ୍ରାମ ଯାନର ଏକ ବିସ୍ତୃତ ଯାଞ୍ଚ ପ୍ରଦାନ କରୁଛି ଏବଂ ଆବଶ୍ୟକ ହେଲେ ଏକ ମୌଳିକ କଣ୍ଡିସନ-ବେସ୍‌ଡ ସର୍ଭିସ୍ ମଧ୍ୟ ଦେଉଛି, ଯାହା



କାର୍ ଉନ୍ନତ ସ୍ଥିତିରେ ରହିଛି ବୋଲି ସୁନିଶ୍ଚିତ କରୁଛି। ଏହି ସେବାକୁ ସାର୍ଟିଫାଏଡ ବିଏମ୍‌ଡବ୍ଲ୍ୟୁ ଓ ମିନି ଟେକ୍ନିକାଲ ଏକ୍ସପର୍ଟଙ୍କ ଦ୍ୱାରା ପରିଚାଳନା କରାଯିବ। ଗ୍ରାହକମାନେ ୱର୍କଶପ୍‌ରେ କାର୍ ସର୍ଭିସିଂ ପାଇଁ ପୂର୍ବରୁ ଆପଏଣ୍ଟମେଣ୍ଟ ବୁକ୍ କରିପାରିବେ ଏବଂ ସେମାନଙ୍କର ଡିଲରଙ୍କଠାରୁ ସ୍ୱତନ୍ତ୍ର ପ୍ରମୋଶନ ଓ ଅଫର୍ ହାସଲ କରିବା ପାଇଁ ନିଜର ବ୍ୟକ୍ତିଗତ ବିବରଣୀ ଯାଂଚ ଓ ଅପ୍ଡେଟ କରିବାକୁ ସକ୍ଷମ ହେବେ। ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଣ୍ଟ ବିକ୍ରମ ପାୱା କହିଛନ୍ତି ଯେ, ଆମର ମନ୍‌ସୁନ ସର୍ଭିସ କ୍ୟାମ୍ପେନକୁ ବିଏମ୍‌ଡବ୍ଲ୍ୟୁ ଓ ମିନି କାରଗୁଡିକର ସୁରକ୍ଷା ଓ ପ୍ରଦର୍ଶନ ବୃଦ୍ଧି କରିବା ପାଇଁ ପର୍ଯ୍ୟାପ୍ତ ଯାଞ୍ଚ ରକ୍ଷଣାବେକ୍ଷର ଓ ଆବଶ୍ୟକୀୟ ଅପ୍ଗ୍ରେଡ ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି କ୍ୟାମ୍ପେନ ମାଧ୍ୟମରେ ପ୍ରଶିକ୍ଷିତ ଟେକ୍ନିସିଆନଙ୍କର ଏକ ସମର୍ପିତ ଟିମ୍, ସ୍ପେଶିଆଲାଇଜ୍ଡ ୱର୍କଶପ ଟେକ୍ନୋଲୋଜି ଓ ଓରିଜିନାଲ ବିଏମ୍‌ଡବ୍ଲ୍ୟୁ ପାର୍ଟ ସହିତ ଆପଣ ଯେପରି ଆରାମଦାୟକ ଯାତ୍ରା ଉପଭୋଗ କରିପାରିବେ ଆମେ ତାହା ସୁନିଶ୍ଚିତ କରିବୁ।

## ମୌସୁମୀ ବର୍ଷାରେ ପ୍ରମୁଖ ବିମାନବନ୍ଦର କ୍ଷତିଗ୍ରସ୍ତ

# ଭିତ୍ତିଭୂମି ପ୍ରକଳ୍ପକୁ ୪୪.୪ ଲକ୍ଷ କୋଟିର ଝଟ୍‌କା

**ନୂଆଦିଲ୍ଲୀ,୨୯।୬(ଏଜେନ୍ସି)**

ନୂଆଦିଲ୍ଲୀରେ ହୋଇଥିବା ଚଳିତବର୍ଷର ପ୍ରଥମ ବର୍ଷା ଦେଶକୁ ବଡ଼ କ୍ଷତି ପହଞ୍ଚାଇଛି। ଏଥିଯୋଗୁ ଦେଶ ଅନେକ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଦିଲ୍ଲୀ ବିମାନବନ୍ଦରର ଟର୍ମିନାଲ୍-୧ର କାନ୍ଥ ଭାଙ୍ଗିବା ଏବଂ ପ୍ରଗତି ମଇଦାନର ଟନେଲ୍ ଜଳମଗ୍ନ ହେବା। ହେଲେ ଏହି ଭାରି ବର୍ଷା ଯୋଗୁ ଭିତ୍ତିଭୂମି ପ୍ରକଳ୍ପକୁ ୪୪.୪ ଲକ୍ଷ କୋଟିର ଝଟ୍‌କା ଲାଗିଛି।

ନୂଆଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ୍-୧ ରେ ଘଟିଥିବା ଏହି ଦୁର୍ଘଟଣା ହୃଦୟସ୍ପର୍ଶୀ ଥିଲା। ଦିଲ୍ଲୀର ପ୍ରଥମ ବର୍ଷାରେ ଏଠାରେ ସ୍ଥାପିତ ମେଟାଲ କାନ୍ଥ ଭାଙ୍ଗି ପଡିଥିଲା ଏବଂ ଏଥିରେ ଜଣଙ୍କର ଜୀବନ ଯାଇଥିଲା। ଏଥିରେ ୬ ଜଣ ଆହତ ହୋଇଥିଲେ। ଭିତ୍ତିଭୂମି ଅଭାବରୁ ଦିଲ୍ଲୀର ପ୍ରଗତି ମଇଦାନ ଟନେଲ୍‌ରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା, ଯାହା ବର୍ତ୍ତମାନ ସମ୍ପୂର୍ଣ୍ଣ ପାଣିରେ ବୁଡିରହିଛି। ଯଦି ଆମେ ସାମ୍ପ୍ରତିକ ଘଟଣାଗୁଡ଼ିକ ଉପରେ ନଜର ପକାଇବା, ତେବେ ବିହାରରେ ବନ୍ୟା ଯୋଗୁ ବିଗତ ୪ ଟି ବଡ଼ ସେତୁ ଭୁଶୁଡ଼ି ପଡ଼ିଥିବାର ଖବର ଆସିଛି। ଏହାବ୍ୟତୀତ ମଧ୍ୟପ୍ରଦେଶର ଜବଲପୁର ବିମାନବନ୍ଦରରେ ଛାତ ଭାଙ୍ଗିବା, ଅଯୋଧ୍ୟାରେ ରାମ ମନ୍ଦିର ଛାତରୁ ପାଣି ଗଳିବା ଏବଂ ମୁମ୍ବାଇର ଅଟଳ ସେତୁ ଉପରେ ଫାଟ ସୃଷ୍ଟି ହୋଇଥିବା ଖବର ଆସିଛି। ଦେଶର ଭିତ୍ତିଭୂମି ବିକାଶର ଭାବମୂର୍ତ୍ତି ଉପରେ ଏହା ଏକ ଦାଗ।




ବ୍ଲୁମବର୍ଗ ଇକୋନୋମିକ୍ସର ଏକ ରିପୋର୍ଟ ଅନୁଯାୟୀ, ଆସନ୍ତା ୨ ବର୍ଷ ମଧ୍ୟରେ ଦେଶରେ ୪୪.୪ ଲକ୍ଷ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଆସନ୍ତା ୨ ବର୍ଷରେ ଦେଶରେ ଅନେକ ରେଳ ଲାଇନ ଏବଂ ଅନେକ ରେଳ ଷ୍ଟେସନର ପୁର୍ନବିକାଶ ହେବାକୁ ଯାଉଛି।

ଏଥିସହିତ ନୂତନ ବିମାନବନ୍ଦର, ବ୍ରିଜ୍, ମେଟ୍ରୋ, ରାଜପଥ ଏବଂ ବୁଲେଟ୍ ଟ୍ରେନ୍ ପରି ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟ ନିର୍ମାଣ ହେବାକୁ ଯାଉଛି। ଏଭଳି ପରିସ୍ଥିତିରେ ସେମାନଙ୍କର ଗୁଣବତ୍ତା ପ୍ରସଙ୍ଗ ଏବେ ବହୁତ ଚିନ୍ତାର ବିଷୟ ପାଲଟିଛି। ଦିଲ୍ଲୀ ବିମାନବନ୍ଦରର ଟର୍ମିନାଲ୍-୧ ରେ ଘଟିଥିବା ଘଟଣା ଦେଶରେ ଦ୍ରୁତ ଭିତ୍ତିଭୂମି ବିକାଶର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ହେଉଛି ଏକ ଘଟଣା ଯାହା ଭାରତର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁଛି। ଏହି ଘଟଣା ଏପରି ଏକ ସମୟରେ ଘଟିଛି ଯେତେବେଳେ ଭାରତ ଏକ ବିଶ୍ୱ ଶକ୍ତି ଭାବରେ ନିଜକୁ ପ୍ରଦର୍ଶିତ କରୁଛି। ଦେଶର ଆର୍ଥିକ ବିକାଶ ପାଇଁ ଭିତ୍ତିଭୂମି ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବ୍ଲୁମବର୍ଗ ରିପୋର୍ଟରେ ଭିତ୍ତିଭୂମି ବିକାଶ ୨୦୩୦ ସୁଦ୍ଧା ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାରକୁ ୯% କୁ ନେଇପାରେ। ଗତ ବର୍ଷ ଏହା ୮.୨ ପ୍ରତିଶତ ରହିଥିଲା।

# ଫାର୍ମ-ବି'ର ନୂଆ ଉତ୍ପାଦ "ମିକ୍ସ ଛତୁଆ"ର ବଜାର ପ୍ରବେଶ

**ଭୁବନେଶ୍ୱର,୨୯।୬(ସମିସ)**

ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ଓଡ଼ିଶାର ଅଗ୍ରଣୀ ଖାଦ୍ୟ ଉତ୍ପାଦନକାରୀ ଉଦ୍ୟୋଗ ବିଶ୍ୱସର ଫୁଡ ପ୍ରାଇଭେଟ୍ ଲିମିଟେଡ୍ ଆନୁକୁଲ୍ୟରେ ତଥା ଫାର୍ମ-ବି ଦ୍ୱାରା ପ୍ରସ୍ତୁତ ଏକ ନୂଆ ଉତ୍ପାଦ ମିକ୍ସ ଛତୁଆର ବଜାର ପ୍ରବେଶ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ମହିଳା ଉଦ୍ୟୋଗୀ ତଥା ଫାର୍ମ-ବି ର ପ୍ରତିଷ୍ଠାତ୍ରୀ ଓ ପରିଚାଳନା ନିର୍ଦ୍ଦେଶିକା ରଶ୍ମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବଜାର ପ୍ରବେଶ ଉତ୍ସବରେ ପ୍ରତିଷ୍ଠାନର ଆକାଉଣ୍ଟସ ଏବଂ ଫାଇନାନ୍ସ ବିଭାଗର ବରିଷ୍ଠ ପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର, ଉତ୍ପାଦନ ବିଭାଗର ବରିଷ୍ଠ ପ୍ରବନ୍ଧିକା ଶିଖା ଦାସ ଏବଂ ନିର୍ଦ୍ଦେଶିକାଙ୍କ ବ୍ୟକ୍ତିଗତ ସଚିବ ଆଦ୍ୟାଶା ପଟ୍ଟନାୟକ



ଉପସ୍ଥିତ ରହି ଏହି ନୂତନ ଉତ୍ପାଦ ସମ୍ବନ୍ଧରେ ସବିଶେଷ ସୂଚନା ଦେଇଥିଲେ। ଏହା ବର୍ତ୍ତମାନ ସମୟର ସବୁଠାରୁ ଅଧିକ ଗ୍ରହଣୀୟ ଉତ୍ପାଦ ମିଶ୍ର ଛତୁଆ ଯାହାକି ଯୁବଗୋଷ୍ଠୀ ମାନଙ୍କର ପ୍ରଥମ ପସନ୍ଦ ଯୋଗ୍ୟ ଖାଦ୍ୟ। ଏଥିରେ ପ୍ରୋଟିନ୍, ଫାଇବର, କ୍ୟାଲସିୟମ, ଆଇରନ୍, ମାଙ୍ଗାନିଜ ଏବଂ ମ୍ୟାଗ୍ନେସିୟମ ସହିତ ଭରପୁର ଶକ୍ତି ରହିଥାଏ। ଫାର୍ମ-ବି ମିକ୍ସ ଛତୁଆର ଟ୍ୟାଗ୍ ରହିଛି "ଆପଣଙ୍କ ଖାଦ୍ୟକୁ କରେ ପୂର୍ଣ ସୁସ୍ଥତା ସହ ସାଦରେ ପରିପୂର୍ଣ"। ଏହା ଯେ କେବଳ ସକାଳର ଖାଦ୍ୟ ପୁରା କରେ ତାହା ନୁହେଁ ବରଂ ଦିନସାରାର ଶରୀର ପାଇଁ ଆବଶ୍ୟକ ପୋଷ- କତତ୍ୱ କୁ ମଧ୍ୟ ପୁରା କରେ, ତତ୍ ସହିତ ଶରୀରର ତାପମାତ୍ରାକୁ ନୟନ୍ତ୍ରଣ କରିବାରେ ଏବଂ ଅତ୍ୟଧିକ ଗରମକୁ ରୋକିବାରେ ମଧ୍ୟ ସାହାଯ୍ୟ କରେ। ଅତିରିକ୍ତ ଭାବରେ ଏହି ଉତ୍ପାଦ ଶକ୍ତି ବୃଦ୍ଧି, ହଜମ ଓ ପାଚନ କରିବାରେ ସାହାଯ୍ୟ କରିବା ସହିତ ଓଜନକୁ ନିୟନ୍ତ୍ରଣ କରିବା, କେଶ ଓ ଚର୍ମ କୁ ସୁସ୍ଥ ରଖିବା, ଶରୀରରେ ଗ୍ଲୁକୋଜର ସଠିକ୍ ପରିମାଣକୁ ବଜାୟ ରଖିବା, କୋଲେଷ୍ଟ୍ରଲ କମ୍ କରିବା ଏବଂ ଶରୀରରେ ପୃଷ୍ଟିକର ଉପାଦାନକୁ ବୃଦ୍ଧି କରିବାରେ ସହଯୋଗ କରିଥାଏ। କମ୍ପାନୀର ଫାର୍ମ-ବି ବ୍ରାଣ୍ଡ ଅଧୀନରେ ମିକ୍ସ ଛତୁଆ ସହ ଅନେକ ଉପଯୋଗୀ ଜଳଖିଆ ଉତ୍ପାଦମାନ ଯଥା - ଓଟସ୍, ମସାଲା ଓଟସ୍, ମୁସଲି, ଚକୋବାଇଟ୍ସ, କନ୍‌ଫ୍ଲେକ୍, ରାଗି ଫ୍ଲୋର ଏବଂ ଚପାଦି ଫ୍ଲୋର ଆଦି ଉପଲବ୍ଧ।

# ମାଲାବାର୍ ପକ୍ଷରୁ 'ନୂୱା' ଡାଏମଣ୍ଡ କଲେକ୍‌ସନ୍‌ର ଉନ୍ମୋଚନ

**ଭୁବନେଶ୍ୱର,୨୯।୬(ସମିସ):** ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ 'ନୂୱା' ଡାଏମଣ୍ଡ ଜୁଏଲେରୀ କଲେକ୍‌ସନ୍‌ର ଉନ୍ମୋଚନ କରାଯାଇଛି। ଶିବାନର ଚନ୍ଦ୍ରଶେଖରପୁରସ୍ଥିତ ମାଲାବାର ଷ୍ଟୋରଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ଜୁଏଲେରୀ କଲେକ୍‌ସନ୍ ପ୍ରଦର୍ଶନ କରାଯାଇଥିଲା। ଏବେ ଏହି 'ନୂୱା' ଡାଏମଣ୍ଡ ଜୁଏଲେରୀ କଲେକ୍‌ସନ୍ ମାଲାବାରର ରାଜ୍ୟ ସମସ୍ତ ଷ୍ଟୋର ଭୁବନେଶ୍ୱର ଏବଂ କଟକଠାରେ ଉପଲବ୍ଧ ହେବ। ଏହି ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ପରିଚାଳନା ଟିମ୍ ସମେତ ଷ୍ଟୋର ମ୍ୟାନେଜର ଗୌରୀ ଶଙ୍କର ଆଚାର୍ଯ୍ୟ ଏବଂ ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର




ରଥ ଉପସ୍ଥିତ ଥିଲେ। 'ନୂୱା' ଡାଏମଣ୍ଡ କଲେକ୍‌ସନ୍‌ର ପ୍ରତ୍ୟେକ ପିସ୍ ସୂକ୍ଷ୍ମ ଭାବେ କାରୁକାର୍ଯ୍ୟ କରାଯାଇଛି। ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, 'ନୂୱା' ଡାଏମଣ୍ଡ କଲେକ୍‌ସନ୍‌ର ଉନ୍ମୋଚନ କରି ଆମେ ବେଶ ଆନନ୍ଦିତ। ଏହା ଉଭୟ ପ୍ରକୃତି ଏବଂ ମହିଳାଙ୍କର ଅଦମ୍ୟ ମନୋଭାବକୁ ପାଳନ କରୁଛି।

# ଟ୍ରୁ-କଲର୍ ଏବଂ ଏଚ୍‌ଡିଏଫ୍‌ସି ଇର୍ଗୋ ସହବନ୍ଧିତ

**ଭୁବନେଶ୍ୱର,୨୯।୬(ସମିସ):** ଭାରତର ଅଗ୍ରଣୀ ବୀମା କମ୍ପାନୀ. ଏଚଡିଏଫସି ଇର୍ଗୋ ଏବଂ ଅଗ୍ରଣୀ ବୈଷୟିକ ଯୋଗାଯୋଗ ପ୍ଲାଟଫର୍ମ, ଟ୍ରୁ-କଲର ଭାରତରେ ଡିଜିଟାଲ ଯୋଗାଯୋଗ ଠକେଇରୁ ଗ୍ରାହକଙ୍କୁ ଅଧିକ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଫ୍ରଡ ଇନସ୍ୟୁରାନ୍ସର ଶୁଭାରମ୍ଭ କରିଛନ୍ତି। ସାଇବର ଠକେଇ ମାମଲା ବୃଦ୍ଧି ପାଉଥିବାରୁ ଏହି ଅଭିନବ ବୀମା ଅଫର ଠକେଇର ମୁକାବିଲା ଏବଂ ଉନ୍ନତ ଆପ୍ ଫିଚର ମାଧ୍ୟମରେ ଉପଭୋକ୍ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଟ୍ରୁକଲରର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଫ୍ରଡ୍ ଇନସ୍ୟୁରାନ୍ସ ପ୍ରଡକ୍ଟ ସାରା ଭାରତରେ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବହାରକାରୀଙ୍କୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ କଭରେଜ୍ ପ୍ରଦାନ କରିବ। ଏହି ପ୍ରଡକ୍ଟ ଟ୍ରୁକଲରର ବାର୍ଷିକ ପ୍ରିମିୟମ ଗ୍ରାହକଙ୍କ ପାଇଁ ଉପଲବ୍ଧ ଏବଂ ବର୍ତ୍ତମାନର ସମସ୍ତ ଗ୍ରାହକମାନେ ସେମାନଙ୍କର ବର୍ତ୍ତମାନର ପ୍ଲାନ ଅଧୀନରେ ମାଗଣାରେ ଏହି ସୁରକ୍ଷା ପାଇପାରିବେ। ସମସ୍ତ ଉପଭୋକ୍ତାଙ୍କ ପାଇଁ ଏକ ସୁଗମ ଏବଂ ଅସୁବିଧାମୁକ୍ତ ଅନୁଭୂତି ସୁନିଶ୍ଚିତ କରିବା ପାଇଁ, ଠକେଇ କଭରେଜ୍ ଟ୍ରୁକଲର ଆପ୍ ରେ ନିରବଚ୍ଛିନ୍ନ ଭାବରେ ସଂଯୋଜିତ ହୋଇଛି, ଏବଂ ଉପଭୋକ୍ତା ବୀମା ବିକଳ୍ପ ଚୟନ କରିବା ପରେ ସକ୍ରିୟ ହୁଏ।

ବୀମା ଯୋଜନାରେ କୌଣସି ଅତିରିକ୍ତ କାଗଜପତ୍ରର ଆବଶ୍ୟକତା ନାହିଁ ଏବଂ ଟ୍ରୁକଲର ଆପ୍ ମାଧ୍ୟମରେ ଏହାକୁ ତୁରନ୍ତ ସକ୍ଷମ କରିପାରିବେ।

# ଆମାଜନ ବିୟୁଟିର ଡର୍ମା ଷ୍ଟୋର ଏବଂ ସ୍କିନ୍ କେୟାର ଆଡଭାଇଜର୍‌ର ଶୁଭାରମ୍ଭ

**ବେଙ୍ଗାଲୁରୁ,୨୯।୬:** ଆମାଜନ ବିୟୁଟି ଗ୍ରାହକଙ୍କୁ ସୌନ୍ଦର୍ଯ୍ୟ ଉତ୍ପାଦ ଆବିଷ୍କାର ଏବଂ କିଣାକିଣି ରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଆମାଜନ ଆଜି ତିନୋଟି ପ୍ରମୁଖ ନୂତନ ପଦକ୍ଷେପ - ଆମାଜନ ଡର୍ମା ଷ୍ଟୋର, ଅପଗ୍ରେଡ୍ ଗ୍ଲୋବାଲ ବିୟୁଟି ଷ୍ଟୋର ୨.୦ ଏବଂ ଅଭିନବ ସ୍କିନ୍ କେୟାର ଆଡଭାଇଜର ଟୁଲ୍ ଲଂଚ କରିବାକୁ ଘୋଷଣା କରିଛି। ଚଳିତ ଗ୍ରୀଷ୍ମ ଋତୁରେ ଆମାଜନ ବିୟୁଟି ଗ୍ରାହକମାନଙ୍କୁ ଆମାଜନର ଦ୍ରୁତ ଡେଲିଭରି ଏବଂ ବିଶ୍ୱସ୍ତ ସପିଂ ଅଭିଜ୍ଞତାର ସୁବିଧା ସହିତ ଶୀର୍ଷ ବ୍ରାଣ୍ଡ, ଟ୍ରେଣ୍ଡିଂ ସ୍କିନ୍ କେୟାର ଉପାଦାନ, ନୂତନ ଉତ୍ପାଦ ଉନ୍ମୋଚନ ଏବଂ ଅନନ୍ୟ ଆବିଷ୍କାରଗୁଡିକର ଏକ କ୍ୟୁରେଟେଡ୍ ଚୟନ ପ୍ରଦାନ କରି ଅନଲାଇନ୍ ସୌନ୍ଦର୍ଯ୍ୟ ସପିଂ ଅନୁଭୂତିକୁ ଉନ୍ନତ କରୁଛି। ସୌନ୍ଦର୍ଯ୍ୟ ପ୍ରେମୀଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମାଜନ ବିୟୁଟି ସ୍କିନ୍ କେୟାର ଆଡଭାଇଜର ମଧ୍ୟ ଆରମ୍ଭ କରିଛି - ଏକ ଅଭିନବ ଉପକରଣ ଯାହା ବ୍ୟକ୍ତିଗତ ଚର୍ମ ସମସ୍ୟା ଏବଂ ପସନ୍ଦ ଉପରେ ଆଧାରିତ ସ୍କିନ୍ କେୟାର ସମାଧାନ ପ୍ରଦାନ କରିଥାଏ। ସନ୍ଧାନରେ ସମନ୍ୱିତ ହୋଇ, ଗ୍ରାହକମାନେ ସେମାନଙ୍କ ତ୍ୱଚାର ପ୍ରକାର ଏବଂ ଲକ୍ଷ୍ୟ ବିଷୟରେ ଏକ କ୍ଷୁଦ୍ର ସର୍ବେକ୍ଷଣ କରନ୍ତି। ଏହା ପରେ ଏହି ଉପକରଣ ସମ୍ପୂର୍ଣ୍ଣ ରୁଟିନ୍ ରେ ଏକ ବ୍ୟକ୍ତିଗତ ଉତ୍ପାଦ ସୁପାରିଶ ପ୍ରସ୍ତୁତ କରେ – କ୍ଲିନ୍‌ଜର୍ସ ଠାରୁ ଆରମ୍ଭ କରି ଉପଚାର, ମଶ୍ଚରାଇଜର, ସନସ୍କ୍ରିନ୍ ଏବଂ ଆଖିର ଯତ୍ନ ପର୍ଯ୍ୟନ୍ତ।

## ନୂଆ ଟେଲିକମ୍ ଆଇନ

# ଜାଲିଆତି କରି ସିମ୍ ନେଲେ ୫୦ ଲକ୍ଷ ଜରିମାନା




**ନୂଆଦିଲ୍ଲୀ,୨୯।୬(ଏଜେନ୍ସି)**

ଜୁନ୍ ୨୬ରୁ ଦେଶରେ ନୂତନ ‹ଟେଲିକମ୍ ଆଇନ ୨୦୨୩› ଲାଗୁ ହୋଇଛି। ନୂଆ ନିୟମ ଅନୁଯାୟୀ, ବର୍ତ୍ତମାନ ଭାରତର କୌଣସି ନାଗରିକ ତାଙ୍କ ଜୀବନରେ ୯ରୁ ଅଧିକ ସିମ୍ କାର୍ଡ ପାଇପାରିବେନାହିଁ। ଯଦି ଆପଣ ଏହାଠାରୁ ଅଧିକ ସିମ୍ କିଣୁଛନ୍ତି ତେବେ ଆପଣଙ୍କ ଉପରେ ଜରିମାନା ଲାଗିବ। ତ୍ରୁଟିପୂର୍ଣ୍ଣ ଉପାୟରେ ବା ଜାଲିଆତି କରି ସିମ୍ ନେଇଥିଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହେବ। ତେବେ ଯୁଦ୍ଧ ପରି ପରିସ୍ଥିତିରେ ସରକାର ଟେଲିକମ୍ ନେଟୱାର୍କ ଉପରେ କଟକଣା ଲାଗୁ କରିପାରିବେ। ଏଥିସହିତ ଜାମ୍ମୁ କାଶ୍ମୀର ଏବଂ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ଲୋକମାନେ ସର୍ବାଧିକ ୬ଟି ସିମ୍ କାର୍ଡ ନେଇପାରିବେ। ଏହାଠାରୁ ଅଧିକ ସିମ୍ ନେଇଥିଲେ ପ୍ରଥମ ଥର ତ୍ରୁଟି ପାଇଁ ୫୦ ହଜାର ଟଙ୍କା ଏବଂ ଏହାପରେ ସମାନ ତ୍ରୁଟି ପାଇଁ ପ୍ରତ୍ୟେକ ଥର ୨ ଲକ୍ଷ ଟଙ୍କା ଜୋରିମାନା ଲାଗୁ ବ୍ୟବସ୍ଥା ରହିଛି।

ଟେଲିକମ୍ ଆଇନର ନୂତନ ନିୟମ ଅନୁଯାୟୀ, ଦ୍ରବ୍ୟ ଏବଂ ସେବା ପାଇଁ ବିଜ୍ଞାପନ ଏବଂ ପ୍ରୋତ୍ସାହନମୂଳକ ମେସେଜ୍ ପଠାଇବା ପୂର୍ବରୁ ଗ୍ରାହକଙ୍କୁ ସେମାନଙ୍କ ସମ୍ମତି ନେବାକୁ ପଡିବ। ଏହା ମଧ୍ୟ କହିଛି ଯେ ଟେଲିକମ୍ ସେବା ଯୋଗାଉଥିବା କମ୍ପାନୀକୁ ଏକ ଅନ୍‌ଲାଇନ୍ ମେକାନିଜିମ୍‌ସୃଷ୍ଟି କରିବାକୁ ପଡ଼ିବ, ଯାହାଦ୍ୱାରା ଉପଭୋକ୍ତାମାନେ ସେମାନଙ୍କର ଅଭିଯୋଗ ଅନ୍‌ଲାଇନରେ ଦାଖଲ କରିପାରିବେ। ଗତ ବର୍ଷ ୨୦ ଡିସେମ୍ବରରେ ଲୋକସଭାରେ ଏବଂ ୨୧ ଡିସେମ୍ବରରେ ରାଜ୍ୟସଭାରେ ନୂଆ ଟେଲିକମ୍ ଆଇନ ୨୦୨୩ ଗୃହୀତ ହୋଇଥିଲା। ଏହାପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହାକୁ ଆଇନରେ ପରିଣତ କରାଯାଇଥିଲା। ଏହି ଆଇନରେ ସମୁଦାୟ ୬୨ଟି ବିଭାଗ ଅଛି, ସେଥିମଧ୍ୟରୁ କେବଳ ୩୯ଟି ବିଭାଗ କାର୍ଯ୍ୟକାରୀ ହେଉଛି। ନୂଆ ଟେଲିକମ୍ ଆଇନ ୧୩୮ ବର୍ଷ ପୁରୁଣା ଭାରତୀୟ ଟେଲିଗ୍ରାଫ୍ ଆଇନକୁ ପରିବର୍ତ୍ତନ କରିବ ଯାହା ଦେଶର ଟେଲିକମ୍ କ୍ଷେତ୍ରକୁ ନିୟନ୍ତ୍ରଣ କରିବ। ଏହାବ୍ୟତୀତ ଏହି ବିଲ୍ ଇଣ୍ଡିଆନ୍ ବେତାର ଟେଲିଗ୍ରାଫ୍ ଆଇନ ୧୯୩୩କୁ ମଧ୍ୟ ବଦଳାଇବ। ଏହା ମଧ୍ୟ ଟ୍ରାଇ ଆଇନ ୧୯୯୭ରେ ସଂଶୋଧନ ଆଣିବ।

## ଘରେ ବସି ଜାଣିପାରିବେ ଆପଣଙ୍କ ନାମରେ କେତେ ସିମ୍ ରହିଛି

**ନୂଆଦିଲ୍ଲୀ,୨୯।୬(ଏଜେନ୍ସି):** ଦେଶରେ ନୂତନ 'ଟେଲିକମ୍ ଆକ୍ଟ ୨୦୨୩' ଲାଗୁ ହୋଇଛି। ଏଥିଲେ ଜଣେ ବ୍ୟକ୍ତି ୯ରୁ ଅଧିକ ସିମ୍ କାର୍ଡ ନେଇପାରିବେନାହିଁ। ଏଭଳିସ୍ଥଳେ ଜାଲିଆତି କରି ସିମ୍ କାର୍ଡ ହାତେଇବା ଘଟଣା ବଢ଼ିଯିବ। ଏପରି ପରିସ୍ଥିତିରେ ବେଳେବେଳେ ଯଦି ଅନ୍ୟ କେହି ସେହି ସିମ୍‌କୁ ଅପବ୍ୟବହାର କରନ୍ତି ତେବେ ଆପଣ ଅସୁବିଧାରେ ପଡ଼ିପାରନ୍ତି। ଆପଣଙ୍କ ଆଇଡିରେ କେତେ ସିମ୍ ସକ୍ରିୟ ଅଛି ତାହା ଜାଣିବା ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଘରେ ବସି ଜାଣିପାରିବେ ଆପଣଙ୍କ ନାମରେ କେତୋଟି ସିମ୍ ଏବଂ କେଉଁ କେଉଁ ନମ୍ବର ଆକ୍ଟିଭ୍ ରହିଛି। ଏଥିପାଇଁ ଆପଣଙ୍କୁ କୌଣସି ଦେୟ ଦେବାକୁ ପଡିବନାହିଁ।

### ପ୍ରକ୍ରିୟା ବିଷୟରେ ଜାଣିବା

- ପ୍ରଥମେ tafcop.dgtelecom.gov.in ପୋର୍ଟାଲକୁ ଯାଆନ୍ତୁ
- ବକ୍ସରେ ଆପଣଙ୍କର ମୋବାଇଲ୍ ନମ୍ବର ଏଣ୍ଟ୍ରି କରନ୍ତୁ ଏବଂ ଓଟିପି ସାହାଯ୍ୟରେ ଲଗ୍‌ଇନ୍ କରନ୍ତୁ
- ଏବେ ସେହି ସମସ୍ତ ନମ୍ବରର ସବିଶେଷ ତଥ୍ୟ ଆସିବଯିବ ଯାହା ଆପଣଙ୍କ ଆଇଡିରୁ ଚାଲୁଛି
- ତାଲିକାରେ ଯଦି କୌଣସି ମୋବାଇଲ ନମ୍ବର ଆପଣଙ୍କ ଆଇଡିରେ ରହିଛି, ତେବେ ସେ ସମ୍ପର୍କରେ ଅଭିଯୋଗ କରନ୍ତୁ
- ଏହାପରେ ନମ୍ବର ଏବଂ 'ଏହା ମୋର ନମ୍ବର ନୁହେଁ'କୁ ସିଲେକ୍ଟ କରନ୍ତୁ
- ଏବେ ଉପରେ ଦିଆଯାଇଥିବା ବକ୍ସରେ ଆଇଡିରେ ଲିଖିତ ନାମରେ ଏଣ୍ଟ୍ରି କରନ୍ତୁ
- ଅଭିଯୋଗ ଦାଖଲ କରିବା ପରେ ଆପଣଙ୍କୁ ଟିକେଟ୍ ଆଇଡି ରେଫରେନ୍ସ ନମ୍ବର ମିଳିଯିବ।

## ଟ୍ରେଣ୍ଡ୍ସ 'ରଜ ମୌଜ ୨୦୨୪' ପ୍ରତିଯୋଗିତାର ବିଜେତା ସମ୍ମାନିତ

# ବାଲେଶ୍ୱରର ଭାଗ୍ୟଶ୍ରୀ, ଭଦ୍ରକର ରିଙ୍କିରାଣୀ ସେଲ୍ଫି ଓ ରିଲ୍ସ ବର୍ଗରେ ପ୍ରଥମ



**ଭୁବନେଶ୍ୱର,୨୯।୬(ସମିସ):** ରିଲାଏନ୍ସ ରିଟେଲର ଭାରତର ସର୍ବବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ପୋଷାକ ଓ ଆକ୍ସେସରି ସ୍ପେଶିଆଲିଟି ଚେନ୍ ଟ୍ରେଣ୍ଡ୍ସ ପକ୍ଷରୁ ଏହାର ରଜ ମୌଜ ୨୦୨୪ ପ୍ରତିଯୋଗିତାର ବିଜେତାମାନଙ୍କ ନାମ ଘୋଷଣା କରାଯାଇଛି ଯାହାକୁ ଓଡିଶାରେ ରଜ ପର୍ବର ମହୋତ୍ସବ ସମୟରେ ଆୟୋଜନ କରାଯାଇଥିଲା। ବାଲେଶ୍ୱରର ଭାଗ୍ୟଶ୍ରୀ ଦାସ ଟ୍ରେଣ୍ଡ୍ସ ରଜ ମୌଜ ୨୦୨୪ ବେଷ୍ଟ ରଜ ଲୁକ୍ସ ସେଲ୍ଫି କଣ୍ଟେଷ୍ଟରେ ପ୍ରଥମ ପୁରସ୍କାର ଜିତିଥିବା ବେଳେ ବେଷ୍ଟ ରଜ ଲୁକ୍ସ ରିଲ୍ସ କଣ୍ଟେଷ୍ଟରେ ଭଦ୍ରକର ରିଙ୍କିରାଣୀ ସାହୁ ପ୍ରଥମ ପୁରସ୍କାର ଜିତିଛନ୍ତି। ବେଷ୍ଟ ରଜ ଲୁକ୍ସ ସେଲ୍ଫି କଣ୍ଟେଷ୍ଟରେ ରେ ଜଗତସିଂହପୁରର ଶ୍ରୁତି ମହାନ୍ତି ଓ ଭଦ୍ରକର ଶୁଭଲଗ୍ନା ଦାସ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଭୁବନେଶ୍ୱରର ଲିପ୍ସିତା ଦେହୁରୀ ଓ ଜଳେଶ୍ୱରର ପ୍ରିୟଙ୍କା ଡିଣ୍ଡା ବେଷ୍ଟ ରଜ ଲୁକ୍ସ ରିଲ୍ସ କଂଟେଷ୍ଟରେ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ଟ୍ରେଣ୍ଡ୍ସ ରଜ ମୌଜ ୨୦୨୪ ପ୍ରତିଯୋଗିତାର ସମସ୍ତ ୬ ଜଣ ବିଜେତାଙ୍କୁ ଆଜି ଶନିବାର ଏକ ସ୍ୱତନ୍ତ୍ର ରଜ ମୌଜ ଫିନାଲେ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି ଯେଉଁଥିରେ ଲୋକପ୍ରିୟ ବଲିଉଡ ଅଭିନେତ୍ରୀ ଶୀତଲ ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାର ଅଂଶ ଭାବେ ଟ୍ରେଣ୍ଡ୍ସ ଗ୍ରାହକଙ୍କୁ ଏଥିରେ ଅଂଶଗ୍ରହଣ କରିବା ଓ ୧ ଲକ୍ଷ ଟଙ୍କାର ପୁରସ୍କାର ଜିତିବା ପାଇଁ ଏକ ସୁଯୋଗ ହାସଲ କରିବା ପାଇଁ ଆମନ୍ତ୍ରିତ କରିଥିଲା, ଯେଉଁଠାରେ ସେମାନଙ୍କୁ ଅଫିସିଆଲ ହ୍ୟାଣ୍ଡେଲରେ ଟ୍ୟାଗ୍ କରି ସେଲ୍ଫି କିମ୍ବା ରିଲ୍ସ ଆକାରରେ ନିଜର ସର୍ବୋତମ ରଜ ଲୁକ୍କୁଡିକୁ ସେୟାର କରିବାକୁ ପଡିଥିଲା। ହଜାର ହଜାର ଗ୍ରାହକ ଫେସବୁକ ଓ ଇନ୍‌ଷ୍ଟାଗ୍ରାମରେ ଟ୍ୟାଗ୍ କରି ନିଜର ଏଣ୍ଟ୍ରି ଦାଖଲ କରିଥିଲେ।

